## ସଂକ୍ଷେପରେ

### ଗଛରେ ପିଟି ହେଲା ବାଇକ୍, ଜଣେ ମୃତ

ବଇଣ୍ଡା, ୧୯।୨(ଡି.ଏନ.ଏ.)- ଠାକୁରଗଡ-ଆମ୍ବଶରମୁଣ୍ଡା ରାସ୍ତାର ଠାକୁରଗଡ ଥାନା ଦୀନବନ୍ଧୁପୁର ଗ୍ରାମରେ ବୁଧବାର ପୂର୍ବାହ୍ନରେ ଏକ ବାଇକ୍ ଭାରସାମ୍ୟ ହରାଇ ଗଛରେ ପିଟି ହେବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅଖରକଟା ଗ୍ରାମର ସରୋଜ ନାୟକ(୨୬)। ସରୋଜ ବାଇକ୍ (ନଂ. ଓଡ଼ି ୧୯ ଜେ ୩୦୧୪) ଯୋଗେ ଠାକୁରଗଡରୁ ଘରକୁ ଯାଉଥିବାବେଳେ ଏକ ଗଛରେ ପିଟି ହୋଇଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଠାକୁରଗଡ ଆଇଆଇସି ଗବାକ୍ଷ ନାୟକ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି।

### ଶିକ୍ଷକ, ବ୍ୟବସାୟୀଙ୍କ ପରଲୋକ

ବଇଣ୍ଡା, ୧୯।୨(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ପେଡିପଥର କନକେଇ ଉଚ୍ଚ ବିଦ୍ୟାପୀଠର ଶିକ୍ଷକ ଜୟକୃଷ୍ଣ ପ୍ରଧାନ(୫୪)ଙ୍କ ସୋମବାର ଅନୁଗୋଳ ସ୍ଥିତ ଏକ ଘରୋଇ ମେଡିକାଲରେ ପରଲୋକ ଘଟିଛି। ସେ କିଛି ଦିନ ହେବ ଅସୁସ୍ଥ ଥିଲେ। ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଭାଜପା ନେତା ଭାଗୀରଥି ପ୍ରଧାନ ଶୋକ ପ୍ରକାଶ କରିଛନ୍ତି। ସେହିପରି ଆଠମଲ୍ଲିକ ବ୍ଲକ ଠାକୁରଗଡ ଗ୍ରାମର ପୁରାତନ ବ୍ୟବସାୟୀ ଆନନ୍ଦ ଚନ୍ଦ୍ର ପୃଷ୍ଟି(୭୫)ଙ୍କର ବୁଧବାର ପରଲୋକ ଘଟିଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁରେ ଠାକୁରଗଡ ବଜାର ବନ୍ଦ ପାଳନ କରାଯାଇଛି।

### ଦୁର୍ଘଟଣାରେ ଜଣେ ମୃତ

ପବିତ୍ରନଗର, ୧୯।୨(ଡି.ଏନ.ଏ.): ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ଶିପୁର ଠାରେ ଏକ ଦୁର୍ଘଟଣାରେ ଜଣେ ଅପରିଚିତ ଲୋକଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ବୁଧବାର ରାତି ପ୍ରାୟ ୯ଟା ୩୦ରେ ଶିପୁର ହାଇସ୍କୁଲ ନିକଟରେ ଏକ ଗାଡ଼ି ଜଣେ ଯୁବକଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ସମଲ ପୋଲିସକୁ ଖବର ଦେଇଥିଲେ ବି ଖବର ଲେଖାହେବା ବେଳକୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିଲା।

# ଚାଷ ଆଗରେ ଚାକିରି ତୁଚ୍ଛ

ଦିନେଶ ଦେହୁରୀ
ଅନୁଗୋଳ ସହର, ୧୯।୨



ନିଜ ଚାଷ ଜମିରେ ବିଭୁ ପ୍ରଧାନ।

- ବ୍ୟାଙ୍କ ମ୍ୟାନେଜର ହୋଇ ବି ପାଉ ନ ଥିଲେ ଆତ୍ମସନ୍ତୋଷ
- କଲେଜ ଜୀବନରେ ଛାତ୍ର ସଂସଦ ସଭାପତି ଥିଲେ
- ବେବିକର୍ନ ଉତ୍ପାଦନରେ ଅନୁଗୋଳ ଜିଲାରେ ପ୍ରଥମ ଚାଷୀ
- ଜୈବିକ ସାର ପ୍ରୟୋଗ କରି ପାଉଛନ୍ତି ପର୍ଯ୍ୟାପ୍ତ ଲାଭ

ଉଚ୍ଚ ପଦବୀର ଅଧିକାରୀ ଥିଲେ। ମୋଟା ଅଙ୍କର ବେତନ ବି ପାଉଥିଲେ। ଅତୀତରେ ଅନୁଗୋଳ କଲେଜର ଛାତ୍ର ସଂସଦ ସଭାପତି ଥିବାରୁ ସହରରେ ଭଲ ପରିଚୟ ମଧ୍ୟ ଥିଲା। ତଥାପି ଆତ୍ମସନ୍ତୋଷ ପାଇଁ ସେ ଚାକିରିକୁ ତୁଚ୍ଛ କରି ଚାଷକୁ ଆପଣାଇ ନେଲେ।

ଜୈବିକ ଚାଷପଦ୍ଧତିକୁ ଗୁରୁତ୍ୱ ଦେଇ ଅନୁଗୋଳ ଜିଲାରେ ଆଧୁନିକ କୃଷିକ୍ଷେତ୍ରରେ ନାଁ କରିଥିବା ଏହି ଉଚ୍ଚଶିକ୍ଷିତ ଚାଷୀ ଜଣକ ହେଲେ ବନ୍ତଲା ଥାନା ତଳଗଡ଼ ଗ୍ରାମର ବିଭୁ ପ୍ରଧାନ। ଅନୁଗୋଳ ମହାବିଦ୍ୟାଳୟରେ ଯୁକ୍ତ ୩ ବାଣିଜ୍ୟ ପଢୁଥିବା ବେଳେ ୨୦୦୦-୨୦୦୧ରେ ସେ ଛାତ୍ର ସଂସଦ ସଭାପତି ଭାବେ ନିର୍ବାଚିତ



ବିଭୁଙ୍କ ଚାଷ ଜମିରୁ ଅମଳ ହୋଇଥିବା ବେବିକର୍ଣ୍ଣ।

ହୋଇଥିଲେ। ପାଠ ସରିବା ପରେ ସେ ପ୍ରଥମେ ଏକ ବିଜ୍ଞାପନ ଏଜେନ୍ସି ଖୋଲି ୬ ବର୍ଷ ଚଳାଇଥିଲେ। ପରେ ଆଇସିଆଇସିଆଇ ବ୍ୟାଙ୍କର ଅନୁଗୋଳ ଶାଖାରେ ବୀମା ମ୍ୟାନେଜର ଭାବେ ନିଯୁକ୍ତି ପାଇଥିଲେ। ସେଠାରେ ୫ ବର୍ଷ ଧରି କାମ କରିଥିଲେ ମଧ୍ୟ ଚାକିରିର ମୋହ ତାଙ୍କୁ ରୋକିପାରି ନ ଥିଲା। କୃଷିକ୍ଷେତ୍ର ପ୍ରତି ମନରେ ଆଗ୍ରହ ଦେଖାଦେବାରୁ ସେ ଚାକିରି ଛାଡ଼ି ପ୍ରଥମେ ଭୁବନପୁରରେ ଥିବା ନିଜର ୧୧ ଏକର ଜମିରେ ଅମୃତ ଭଣ୍ଡା, ପୋଟଳ, କଦଳୀ, ଆମ୍ବ, ସଜନା ଆଦି ଚାଷ କରିଥିଲେ। କିନ୍ତୁ ବନ୍ୟଜନ୍ତୁ ବ୍ୟାପକ କ୍ଷୟକ୍ଷତି ଘଟାଇବାରୁ ସେଠାରୁ ମୁହଁ ଫେରାଇ ଅନୁଗୋଳ ସହର ନିକଟ ଶରଧାପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ୬ ଏକର ଜମି ଲିଜ୍ ନେଇ ଚାଷ କଲେ। ଏକ ଲକ୍ଷ ଟଙ୍କା ଖର୍ଚ୍ଚ କରି ଖାଲ ଢିପକୁ ସମତଳ କରିବା ପରେ ମାଟି ବିଶୁଦ୍ଧ ପାଇଁ ୫୦ ହଜାର ଟଙ୍କାର ଗୋବର କିଣି ଜମିରେ ପକାଇଲେ। ଏଥିସହିତ ବୁନ୍ଦା ଜଳ ସେଚନ, ବୋରୱେଲ ଓ ୬ ହଜାର ମିଟର ପାଇପ୍ କିଣିବା ବାବଦକୁ ୩ ଲକ୍ଷ ଟଙ୍କା ବ୍ୟୟ କରିଥିଲେ। ୨୦୧୭ ମସିହାରେ କଦଳୀ, ଲେମନ ଗ୍ରାସ, ପାମା ରୋଜା ଏକ ଏକର ଲେଖାଏ, ଦେଶୀ ମକା ଅଧା ଏକର, ବେବିକର୍ନ ଅଧା ଏକର, ସୁଇଟ କର୍ନ ପାଞ୍ଚ ଗୁଣ୍ଠ, କଲରା, ପୋଟଳ, କଖାରୁ ଅଧା ଏକର ଲେଖାଏ, ମଶା ଘଉଡାଇବା ତେଲ ଅଧ ଏକର, ରୋହିତ ଏକ ଏକର, ଭାଗ୍ୟ ସଜନା ଅଧା ଏକର, ସପୁରୀ (କୁଇନ ଭେରାଇଟ) ଦୁଇଶହ ଗଛ, କଦଳୀ ଜି୯ ଭିତରେ ଅଦା ଏକ ଏକର, ବନ୍ତଳ ଓ ପାଟକୁରା କଦଳୀ ଚାଷ ସହ ନିଜେ ଖାଇବା ପାଇଁ କିଚେନ ଗାର୍ଡେନ ଆରମ୍ଭ କଲେ। ଏହିପାଇଁ ସେ ପ୍ରାୟ ୪ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଚାଷରେ ସହାୟତା ପାଇଁ ଦୈନିକ ୫ ଜଣ ଶ୍ରମିକଙ୍କୁ ସେ ନିଯୁକ୍ତ କରିଛନ୍ତି। ଏହି ଚାଷରୁ ସେ ପ୍ରଥମ ବର୍ଷ ୩ ଲକ୍ଷ, ୨ୟ ବର୍ଷ ୪ ଲକ୍ଷ ଓ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ଟଙ୍କା ରୋଜଗାର କରିସାରିଛନ୍ତି। ଏହି ଅଢେଇ ବର୍ଷ ମଧ୍ୟରେ ସେ ପ୍ରାୟ ତିନି ଲକ୍ଷ ଟଙ୍କା ଲାଭ ପାଇଛନ୍ତି। ସରକାରୀ ସହାୟତା ପାଇ ନ ଥିଲେ ବି ନିଜେ ଜୈବିକ ପଦ୍ଧତିରେ ଓ ବିନା କୀଟ ନାଶକରେ ଏସବୁ ଚାଷ କରି ଲାଭବାନ ହେବା ଅନ୍ୟମାନଙ୍କୁ ଏଥିପାଇଁ ପ୍ରୋତ୍ସାହିତ କରୁଥିବା ବିଭୁ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଅନୁଗୋଳ ଜିଲାରେ ବେବିକର୍ନର ଭଲ ଚାହିଦା ଥିବାରୁ ଭୁବନେଶ୍ୱରର ଜଣେ ଚାଷୀଙ୍କଠାରୁ ଦୁଇ କେଜି ମଞ୍ଜି ଆଣିବା ସହ ଚାଷ ପ୍ରଣାଳୀ ସମ୍ପର୍କରେ ତାଲିମ ନେଇ ଅନୁଗୋଳରେ ତାହାକୁ ସଫଳ କରିପାରିଛନ୍ତି। ଏପରି କି ବେବିକର୍ନ ଉତ୍ପାଦନରେ ସେ ଜିଲାର ପ୍ରଥମ ଚାଷୀ ବୋଲି ଦାବି କରିଛନ୍ତି। ସେହିପରି ଉନ୍ନତମାନର କଳାଧାନ ଚାରି କୁଇଣ୍ଟାଲ ଓ ତିନି ଗୁଣ୍ଠ ଜମିରୁ ସାରିଆ ଧାନ ଅମଳ କରିସାରିଛନ୍ତି। ଜୈବିକ ପଦ୍ଧତିରେ ସେ କରିଥିବା ଚାଷ କାର୍ଯ୍ୟ ଦେଖିବାକୁ ଜିଲାର ବିଭିନ୍ନ ଅଞ୍ଚଳରୁ ତାଙ୍କ ବଗିଚାକୁ ଆସୁଥିବା ଚାଷୀଙ୍କୁ ସେ ଏ ଦିଗରେ ସଚେତନ କରୁଥିବା ବିଭୁ ପ୍ରକାଶ କରିଛନ୍ତି। କୃଷିକୁ ନିଶା ଓ ପେସା କରିଥିବା ବିଭୁ ଚାଷରୁ ଗଭୀର ଆତ୍ମସନ୍ତୋଷ ଲାଭ କରୁଥିବା ପ୍ରକାଶ କରିଛନ୍ତି।

### ‘ପ୍ରତିକୂଳ ପାଣିପାଗ ସତ୍ତ୍ୱେ ବିଭୁ ସଫଳ’



ଅନୁଗୋଳ ଜିଲାରେ ଜୈବିକ ପଦ୍ଧତିରେ ଚାଷକାର୍ଯ୍ୟ କରିଥିବା କେତେଜଣଙ୍କ ମଧ୍ୟରୁ ବିଭୁ ଏକମାତ୍ର ଚାଷୀ ଯିଏକି ଏଥିରେ ସଫଳ ହୋଇପାରିଛନ୍ତି। ବିଶେଷକରି ବେବିକର୍ନ ଚାଷ ପାଇଁ ଅନୁଗୋଳ ଜିଲାର ମାଟି, ପାଣିପାଗ ଅନୁକୂଳ ନୁହେଁ। ତଥାପି ବିଭୁ ଜଣେ ଉଚ୍ଚଶିକ୍ଷିତ ହୋଇଥିବାରୁ ବେବିକର୍ନ ଚାଷ କ୍ଷେତ୍ରରେ ଜିଲାର ପ୍ରଥମ ଚାଷୀ ହେବା ସହ ଏଥିରେ ସଫଳତା ମଧ୍ୟ ପାଇପାରିଛନ୍ତି। ଏଥିସହିତ ଉନ୍ନତମାନର ଚାଷ ସମ୍ପର୍କରେ ଅନ୍ୟମାନଙ୍କୁ ପ୍ରେରଣା ଦେଉଛନ୍ତି। ସେ ବେବିକର୍ନ ଓ ମଲ୍ଟି ଚାଷ ପାଇଁ ଆବେଦନ କଲେ ସବ୍‌ସିଡ୍ ସହିତ ସରକାରଙ୍କ ତରଫରୁ ଅନ୍ୟ ସହାୟତା ଯୋଗାଇ ଦିଆଯିବ।

-ପଦ୍ମଲୋଚନ ଦାସ
ଡେପୁଟି ଡାଇରେକ୍ଟର, ଉଦ୍ୟାନ ବିଭାଗ, ଅନୁଗୋଳ

### ଜଳ ପ୍ରଦୂଷଣ ଉପରେ ଆଲୋଚନା

ଅନୁଗୋଳ ଅଫିସ, ୧୯।୨

ଅନୁଗୋଳ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସଙ୍ଗୀତା ଦାସଙ୍କ ଅଧ୍ୟକ୍ଷତାରେ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଜଳ ପ୍ରଦୂଷଣ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶେଷଜ୍ଞ ଭାବେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ଅଧ୍ୟାପିକା ଡ. ଅନୁସୂୟା ମିଶ୍ର ଯୋଗଦେଇ ଜଳ ପ୍ରଦୂଷଣ ସମ୍ପର୍କିତ ତଥ୍ୟଭିତ୍ତିକ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଦେବାନନ୍ଦ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ତପନ କୁମାର ବରାଳ ବିଶୁଦ୍ଧ ଜଳର ଉପାଦେୟତା ଓ ସଂରକ୍ଷଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ରୀ କରିଶ୍ମା ସାହୁ ଜଳ ପ୍ରଦୂଷଣର ଭୟାବହତା ଓ ପ୍ରତିକାର ଶୀର୍ଷକ ନିବନ୍ଧ ଉପସ୍ଥାପନ କରିଥିଲେ। ଅଧ୍ୟାପିକା ସ୍ୱାଗତିକା ଦେହୁରୀ, ସିଦ୍ଧେଶ୍ୱର ପ୍ରଧାନ, ପରମେଶ୍ୱର ସାହୁଙ୍କ ସମେତ ବିଭାଗର ସମସ୍ତ ଛାତ୍ରୀ ସହାୟତା କରିଥିଲେ। ଦ୍ୱିତୀୟ ବର୍ଷର ଛାତ୍ରୀ ଓଁପ୍ରଜ୍ଞାଭାରତୀ ସାହୁ ଧନ୍ୟବାଦ ଦେଇଥିଲେ।

### ଲୁଟ୍ ଅଭିଯୁକ୍ତ କୋର୍ଟ ଚାଲାଣ

ଅନୁଗୋଳ ଅଫିସ, ୧୯।୨

ଅନୁଗୋଳ ଦେଇ ଯାଇଥିବା ୫୫ ନଂ ଜାତୀୟ ରାଜପଥରେ ଲୁଟ୍ କରୁଥିବା ଜଣେ ଅଭିଯୁକ୍ତଙ୍କୁ ଅନୁଗୋଳ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ରନ୍ତଲେଇ ଗ୍ରାମର ଜଗା ଓରଫ ଜଗନ୍ନାଥ ସେନାପତି(୨୪) ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଗତବର୍ଷ ନଭେମ୍ବରରେ ଜଗା ରାଜସ୍ଥାନର ଏକ ଟ୍ରକ୍ ଚାଳକଙ୍କୁ ମାଡ଼ ମାରି ଲୁଟ୍ କରିଥିଲେ। ଏହି ଘଟଣାରେ ଟ୍ରକ୍ ଚାଳକ ପୂର୍ଣ୍ଣରାମ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୯୬୭/୧୯ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏହି ଘଟଣାରେ ଜଗା ଗିରଫ ହୋଇଥିବା ଅନୁଗୋଳ ଥାନା ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଜଗାଙ୍କଠାରୁ ଏକ ସ୍କୁଟି (ନଂ. ଓଡି୧୯ଏନ୍-୩୮୯୧) ସହ ୫ଶହ ଟଙ୍କା ଜବତ କରାଯାଇଥିବା ତଦନ୍ତକାରୀ ଅଧିକାରୀ ବୁଦ୍ଧିମାନ ସେଠୀ କହିଛନ୍ତି। ଗିରଫ ଜଗାଙ୍କ ନାମରେ ପୂର୍ବରୁ ୪ଟି ମାମଲା ରହିଛି ବୋଲି ଅନୁଗୋଳ ପୋଲିସ ସୂଚନା ଦେଇଛି।

## ଗଞ୍ଜେଇ ଜବତ, ୩ ଗିରଫ

ଛେଣ୍ଡିପଦା, ୧୯।୨(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପକ୍ଷରୁ ମଙ୍ଗଳବାର ଛେଣ୍ଡିପଦା ଜଗନ୍ନାଥ ମନ୍ଦିର ନିକଟରେ ରାତି ପ୍ରାୟ ୯ଟାରେ ଗାଡିମୋଟର ଯାଞ୍ଚବେଳେ ଏକ ବାଇକ୍ ଡିକିରୁ ୨ କେଜି ଗଞ୍ଜେଇ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପାଟକୁମୁଣ୍ଡା ନିକଟସ୍ଥ ଭାଲୁଖାଇଢ଼ିପର ମୁରଲୀଧର ସାହୁ(୨୦), ଜିତେନ ସାହୁ(୨୦) ଓ ବାଘୁଆବୋଲ ଗ୍ରାମର ପ୍ରଦୀପ ସାହୁ(୧୯)। ପୋଲିସ ସୂଚନା ମୁତାବକ, ଅନୁଗୋଳ-ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥର ଜଗନ୍ନାଥ ମନ୍ଦିରଠାରେ ଗାଡି ମୋଟର ଯାଞ୍ଚ ବେଳେ ବାଇକ୍(ନଂ. ଓଡି୧୯କ୍ୟୁ-୨୮୧୩)ରେ ଛେଣ୍ଡିପଦା ଆସୁଥିବା ୨ଜଣ ଯୁବକଙ୍କୁ ଅଟକାଯାଇଥିଲା। ଯାଞ୍ଚ ସମୟରେ ବାଇକ୍ ଡିକିରୁ ୨କେଜି ଗଞ୍ଜେଇ ଜବତ କରିବା ସହ ମୁରଲିଧର ଓ ପ୍ରଦୀପଙ୍କୁ ଗିରଫ କରାଯାଇଥିଲା। ପରେ ସେମାନଙ୍କୁ ଗଞ୍ଜେଇ ଦେଇଥିବା ଜିତେନଙ୍କୁ ବୁଧବାର ଗିରଫ କରାଯାଇଥିଲା। ୩ ଜଣଙ୍କୁ ବୁଧବାର କୋର୍ଟଚାଲାଣ କରାଯିବା ସହ ନଂ. ୪୪/୨୦ରେ ମାମଲା ରୁଜୁ ହୋଇଛି।

## ଭୋର ୪ଟା ୧୦ରେ ଉଠିବ ଦୀପ

ବଅଁରପାଳ, ୧୯।୨(ଡି.ଏନ.ଏ.)



ଆଉ ଦିନକ ପରେ ପାଳନ ହେବ ମହାଶିବରାତ୍ରି। ଏହାକୁ ନେଇ ଚଳଚଞ୍ଚଳ ହୋଇଉଠିଛି ଅନୁଗୋଳ ଜିଲା ବଅଁରପାଳ ବ୍ଲକ କୁଲାଡ ଗ୍ରାମର କପିଳେଶ୍ୱର ଶୈବପୀଠ। ପୂଜାକୁ ଧୁମ୍‌ଧାମରେ ପାଳନ କରିବାକୁ ଚାଲିଛି ବ୍ୟାପକ ପ୍ରସ୍ତୁତି। ଯଥାନୀତି ପୂଜା ବିଧି ସହ ଭଜନ ସନ୍ଧ୍ୟା, ନାମ ସଂକୀର୍ତ୍ତନ, ମହିଳା ପାଲା ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସ୍ଥିର ହୋଇଛି। ସେହିପରି ଶନିବାର ଭୋର ୪ଟା ୧୦ରେ ପ୍ରଭୁଙ୍କର ମହାଦୀପ ମନ୍ଦିର ଉପରକୁ ଉଠିବ ବୋଲି ସମୟ ନିର୍ଘଣ୍ଟ କରାଯାଇଛି।

୫୫ ନମ୍ବର ଜାତୀୟ ରାଜପଥର କୁଲାଡଠାରୁ ୫ଶହ ମିଟର ଦୂରରେ ଏହି ଶୈବପୀଠ ପଡେ। ଜିଲାର ପ୍ରାଚୀନ ଶୈବପୀଠଗୁଡିକ ମଧ୍ୟରୁ ଏହା ଅନ୍ୟତମ। ସୁନ୍ଦର ପ୍ରାକୃତିକ ପରିବେଶରେ ଥିବା ଏହି ପୀଠ ସମ୍ପର୍କରେ ରହିଛି ରୋଚକ ଲୋକକଥା। ସ୍ଥାନୀୟ ବାସିନ୍ଦାଙ୍କ କହିବା ମୁତାବକ, ବହୁ ବର୍ଷ ତଳେ ମନ୍ଦିର ଅଞ୍ଚଳ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ଦିନେ ସେହି ରାସ୍ତା ଦେଇ ଜଣେ ସାଧୁ ଆଶ୍ରମକୁ ଫେରୁଥିବାବେଳେ ଏକ ଗଛମୂଳେ ଶିବ ଲିଙ୍ଗ ଆକୃତିର ଏକ କଳା ପଥର ପଡିଥିବା ଦେଖିବାକୁ ପାଇଥିଲେ। ଏ ବିଷୟରେ



ପ୍ରତାପ ଜେନା, ପଞ୍ଚୁ ଦଳବେହେରା, ଭାଗୀରଥି ଜେନା।

- ମହାଶିବରାତ୍ରି ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି
- ଝଲସିବ କପିଳେଶ୍ୱର ପରିସର
- ଆୟୋଜିତ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ
- ୧୫ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା

ଗ୍ରାମବାସୀ ଜାଣିବା ପରେ ସେଠାରେ ସେହିଦିନଠାରୁ ମନ୍ଦିର କରାଯାଇ ପୂଜାପାଠ କରାଯାଇଆସୁଛି। ଏ ସମ୍ପର୍କରେ ମନ୍ଦିର ପୂଜକ ଇନ୍ଦ୍ରମଣି ମହାପାତ୍ର(୮୦) କୁହନ୍ତି, କାହିଁ କେଉଁ କାଳରୁ ପ୍ରଭୁ କପିଳେଶ୍ୱର ଏଠାରେ ପୂଜା ପାଇଆସୁଛନ୍ତି। ଲିଙ୍ଗ କପି ଅର୍ଥାତ ହନୁମାନଙ୍କ ପରି ହୋଇଥିବାରୁ କପିଳେଶ୍ୱର ନାମରେ ସେ ପ୍ରତିଷ୍ଠିତ। ମନ୍ଦିର କମିଟି ସଭାପତି ପ୍ରତାପ ଜେନା କୁହନ୍ତି, ଚଳିତ ବର୍ଷ ଜାଗର ଯାତ୍ରା ଧୁମ୍‌ଧାମରେ ପାଳନ କରାଯିବାର ଯୋଜନା ରହିଛି। ରଙ୍ଗିନ ଆଲୋକମାଳାରେ ପୀଠ ସାଜସଜ୍ଜା କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଗ୍ରାମ ସଭାପତି ଭାଗୀରଥି ଜେନା, ପଞ୍ଚୁ ଦଳବେହେରା, ହରିହର ଦେହୁରୀ ପ୍ରମୁଖ କୁହନ୍ତି, ଚଳିତ ବର୍ଷ ୧୫ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଧୁମ୍‌ଧାମରେ ପୂଜା ପାଳନ କରାଯିବାକୁ ସମସ୍ତ ପ୍ରସ୍ତୁତି ହୋଇଛି।













## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

କାମାକ୍ଷାନଗର, ୧୯।୨(ଡି.ଏନ.ଏ.): ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ଅଞ୍ଚଳର ଜଣେ ମହିଳା ଶନିବାର ବଳାତ୍କାରର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ବାନାମ୍ବର ନାୟକ (୪୪)ଙ୍କୁ ପୋଲିସ ଗିରଫ କରିଛି। ବୁଧବାର ପୀଡ଼ିତା ଏବଂ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି। ଏ ନେଇ ନଂ. ୨୪/୨୦୨୦, ଦଫା ୩୭୬ରେ ମାମଲା ରୁଜୁ ହୋଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସମ୍ପୃକ୍ତା ମହିଳା ଜଣକ ଘରେ ଶୋଇଥିବାବେଳେ ବାନାମ୍ବର ଘରେ ପଶି ବଳାତ୍କାର କରିଥିଲେ। ପଡ଼ୋଶୀ ଦେଖି ପାଟି କରିବାରୁ ଅଭିଯୁକ୍ତ ଦୌଡ଼ି ପଳାଇଥିଲେ। ଏ ନେଇ ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ।

### ମହିଳା ଶ୍ରମଜୀବୀଙ୍କୁ ପ୍ରଶିକ୍ଷଣ



ଢେଙ୍କାନାଳ ଅଫିସ,୧୯।୨: ଗଁଦିଆ ବ୍ଲକ ଦିଗମ୍ବରପୁର ପଞ୍ଚାୟତ ଅଧୀନ ବୃନ୍ଦାବନପୁର ଗ୍ରାମ କୋଠଘର ପରିସରରେ ୪୦ଜଣ ମହିଳା ଶ୍ରମଜୀବୀଙ୍କୁ ନେଇ ବୁଧବାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରମିକ ଶିକ୍ଷା ଓ ଶ୍ରମିକ ବୋର୍ଡର ଶିକ୍ଷା ଅଧିକାରୀ ପ୍ରକାଶ ମିଶ୍ର, ପ୍ରିୟ ଅନୁଷ୍ଠାନ ନିର୍ଦ୍ଦେଶକ ଟଙ୍କଧର ବାରିକ ଯୋଗଦେଇ ମହିଳାଙ୍କ ଅଧିକାର, କର୍ମସ୍ଥଳୀରେ ସୁରକ୍ଷା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ସମିତିସଭ୍ୟା ସ୍ୱର୍ଣ୍ଣଲତା ବିନ୍ଧାଣି ଉପସ୍ଥିତ ରହି ବହୁମୂଲ୍ୟ ପରାମର୍ଶ ଦେଇଥିଲେ।

### ହାତୀଛୁଆର ମୃତଦେହ ଉଦ୍ଧାର

କେନ୍ଦୁଝର, ୧୯।୨(ସ୍ୱ.ପ୍ର./ଡି.ଏନ୍.ଏ.) କେନ୍ଦୁଝର ବନଖଣ୍ଡ ଅଧୀନ ଭୂୟାଁ ଓ ଜୁଆଙ୍ଗ ପୀଢ଼ ରେଞ୍ଜର ତରମାକାନ୍ତ ନିକଟ ଜଙ୍ଗଲରୁ ଏକ ଛୁଆ ହାତୀର ମୃତଦେହ ଠାବ ହୋଇଛି। ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ବନ ବିଭାଗ କର୍ମଚାରୀ ପଶୁ ଚିକିତ୍ସକଙ୍କ ସହିତ ଯାଇ ଘଟଣାର ଅନୁଧାନ କରିଛନ୍ତି। ମୃତ୍ୟୁବରଣ କରିଥିବା ହାତୀର ବୟସ ୪ରୁ ୫ ବର୍ଷ ହେବ ବୋଲି କୁହାଯାଉଛି। ସୁନ୍ଦରଗଡ଼ ଜିଲା ସୀମାରେ ହାତୀଟି ମୃତ୍ୟୁବରଣ କରିଥିବାବେଳେ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ବନ ବିଭାଗ କର୍ମଚାରୀ ପହଞ୍ଚିବାରେ ବିଳମ୍ବ ଘଟିଥିଲା। ବ୍ୟବଚ୍ଛେଦ ପରେ ହାତୀ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ରେଞ୍ଜ ଅଧିକାରୀ ମୁକ୍ତିକାନ୍ତ ପରିଡ଼ା କହିଛନ୍ତି। ତେବେ ଉକ୍ତ ଅଞ୍ଚଳରେ କିଛି ଦିନ ହେଲା ୩/୪ ଟି ହାତୀ ବୁଲୁଥିବାବେଳେ ପାଲଲହଡ଼ା ଜଙ୍ଗଲକୁ ଚାଲିଯାଇଥିଲେ। ଏହି ହାତୀଟି କେଉଁଠୁ ଆସିଲା ତାହା ଯାଞ୍ଚ ପରେ ଜଣାପଡ଼ିବ। ଚଳିତ ବର୍ଷରେ ଏହା ପ୍ରଥମ ହାତୀ ମୃତ୍ୟୁ ଘଟଣା ବୋଲି କୁହାଯାଉଛି।

# ଅସହଯୋଗରୁ ଅସହାୟ ଚାଷୀ

- କୃଷି ବିଭାଗ ବିରୋଧରେ ୩ ପଞ୍ଚାୟତର ଚାଷୀଙ୍କ ଅଭିଯୋଗ
- ବାତ୍ୟା କ୍ଷତିପୂରଣ କରାଇ ଦେବାକୁ ଆଦାୟ କରାଯାଇଛି ଟଙ୍କା
- ମିଳୁନି ଆନୁଷଙ୍ଗିକ ବୈଷୟିକ ସହାୟତା, ଆନ୍ଦୋଳନ ଚେତାବନୀ

ରାସୋଳ, ୧୯।୨(ଡି.ଏନ.ଏ.)

ଓଡ଼ିଶାର ଅର୍ଥନୀତି କୃଷି ଭିତ୍ତିକ। ଏ କଥାକୁ ଭଲଭାବେ ହୃଦୟଙ୍ଗମ କରିଛନ୍ତି ରାଜ୍ୟ ସରକାର। ଏହାର ପ୍ରତିଫଳନ ଦେଖିବାକୁ ମିଳିଛି ଚଳିତ ବଜେଟରେ। ଚାଷୀଙ୍କୁ ହାତପାହାନ୍ତାରେ ସାର, ଔଷଧ, କୀଟନାଶକ, ଯନ୍ତ୍ରପାତି, ବୈଷୟିକ ଜ୍ଞାନକୌଶଳ ଯୋଗାଇଦେବାକୁ ସର୍ବଦା ଗୁରୁତ୍ୱ ଦିଆଯାଉଥିବା କୁହାଯାଉଛି। ହେଲେ କୃଷି ବିଭାଗର ଉଦାସୀନତା ଏବଂ ବିଭାଗୀୟ ଅଧିକାରୀଙ୍କ ଅସହଯୋଗରୁ ଅନେକ ସମୟରେ ଗ୍ରାମାଞ୍ଚଳର ଚାଷୀ ଅସହାୟ ହୋଇପଡୁଛନ୍ତି। ଇଚ୍ଛା ଥିଲେ ବି ସେମାନଙ୍କ ମନୋବଳ ଭାଙ୍ଗିଯାଉଛି। ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଅଧୀନ ନବକିଶୋରପୁର, ଗଣ୍ଡାନାଳୀ, ଖଲିବୋରେଇ ପଞ୍ଚାୟତର ଶତାଧିକ ଚାଷୀ ଏପରି ଅଭିଯୋଗ ଆଣି ରୋଷ ଝାଡ଼ିଛନ୍ତି କୃଷି ବିଭାଗ ଉପରେ।

ଚାଷୀଙ୍କ କହିବା କଥା, ଅଞ୍ଚଳର ଅଧିକାଂଶ ପରିବାର କୃଷି ଉପରେ ନିର୍ଭରଶୀଳ। ଏଠାକାର ଚାଷୀ ବର୍ଷସାରା ବାଇଗଣ, କୋବି, ପୋଟଳ, କଖାରୁ, ଆଳୁ, କଲରା, ଭେଣ୍ଡି, କାକୁଡ଼ି ଚାଷ କରି ଗୁଜୁରାଣ ମେଣ୍ଟାଇଥାନ୍ତି। ଏଠାରୁ ଉତ୍ପାଦିତ ପରିବା ଭାପୁର ରାସୋଳ, ହିନ୍ଦୋଳ, ଖଜୁରିଆକଟା, ତାଳଚେର, ଅନୁଗୋଳକୁ ବିକ୍ରି ଲାଗି ପଠାଯାଇଥାଏ। ହେଲେ ଶୀତଳ ଭଣ୍ଡାର ସୁବିଧା ନ ଥିବାରୁ ଅଧିକ ଦିନ ପରିବା ସଂରକ୍ଷଣ କରି ରଖି ହେଉନାହିଁ। ଚାଷୀମାନେ ନିଜସ୍ୱ ଉଦ୍ୟମରେ ଚାଷ କରିବାକୁ ଆଗ୍ରହୀ ଥିବାବେଳେ କୃଷି ବିଭାଗ ପକ୍ଷରୁ



କୌଣସି ସହଯୋଗ ମିଳୁନାହିଁ। ବର୍ଷସାରା କୌଣସି ଅଧିକାରୀ ପାଖ ମାଡୁନାହାନ୍ତି। ଫନୀ ବାତ୍ୟା ବେଳେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ କରାଇଦେବାକୁ କହି ଉଦ୍ୟାନ ବିଭାଗରେ କାର୍ଯ୍ୟରତ କର୍ମଚାରୀ ବିଚିତ୍ରାନନ୍ଦ ସାହୁ ଫଟୋ ଉଠାଇଥିଲେ। ଏଥିଲାଗି ସେ ୫୦୦ରୁ ୧୦୦୦ ଟଙ୍କା ଆଦାୟ କରିଥିବା ନବକିଶୋରପୁର ପଞ୍ଚାୟତ ଅଧୀନ ଖଇରାବାହାଲି ଗ୍ରାମର ଚାଷୀ ପ୍ରଦୀପ ମହାନ୍ତି, ବିଷ୍ଣୁ ଖଟୁଆ, ହେମନ୍ତ ରାଉତ, କୀର୍ତ୍ତନ ସାମଲ, ଅଭିରାମ ରାଉତ ପ୍ରମୁଖ ଅଭିଯୋଗ କରିଛନ୍ତି। ବ୍ଲକ କୃଷି ବିଭାଗଠାରୁ ଆରମ୍ଭ କରି ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ସମ୍ପୃକ୍ତ ଚାଷୀମାନେ ଅଭିଯୋଗ କରିଛନ୍ତି।

ଏ ନେଇ ବିଚିତ୍ରାନନ୍ଦ ନିଜ ପ୍ରତିକ୍ରିୟାରେ କୁହନ୍ତି, ବାତ୍ୟାରେ ଅଞ୍ଚଳର ଜଣେ ମାତ୍ର ଚାଷୀଙ୍କ ଫସଲ କ୍ଷତି ହୋଇଥିଲା। ତାଙ୍କୁ କ୍ଷତିପୂରଣ ଦିଆଯାଇଛି। ଯେହେତୁ ଅନ୍ୟମାନଙ୍କ ଫସଲ କ୍ଷତି ହୋଇ ନ ଥିଲା ତେଣୁ ସେମାନେ କ୍ଷତିପୂରଣ ପାଇବାକୁ ଯୋଗ୍ୟ ବିବେଚିତ ହୋଇନାହାନ୍ତି। ସମ୍ପୃକ୍ତ ଚାଷୀମାନେ ଉଦ୍ଦେଶ୍ୟମୂଳକ ଭାବେ ତାଙ୍କ ନାମରେ ଅଭିଯୋଗ କରିଥିବା ସେ କହିଛନ୍ତି। ଏ ନେଇ ଅତିରିକ୍ତ ଉଦ୍ୟାନ କୃଷି ବିଭାଗ ଅଧିକାରୀ ଜଗଦେଶ୍ୱର ବେହେରା କୁହନ୍ତି, ବାତ୍ୟା କ୍ଷତିପୂରଣ ଦାବି କରିଥିବା ଚାଷୀଙ୍କ ନାମ ଉପରିସ୍ଥ ବିଭାଗକୁ ପଠାଯାଇଛି। ସେଠାରୁ ଯେଉଁ ନିର୍ଦ୍ଦେଶ ଆସିବ ତଦନୁଯାୟୀ କାର୍ଯ୍ୟକାରୀ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ତେବେ ଦୁଇ ଅଧିକାରୀଙ୍କ ମତରେ ତାଳମେଳ ନ ଥିବାରୁ କିଏ ସତ କହୁଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଉପଜିଲାପାଳ ଉଦୟ କୁମାର ମହାପାତ୍ର କୁହନ୍ତି, ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୩୦୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ଶିବିରକୁ ଆସିଥିବା ଜଣେ ବ୍ୟକ୍ତିଙ୍କୁ ଡାକ୍ତର ପରାମର୍ଶ ଦେଉଛନ୍ତି।

ଢେଙ୍କାନାଳ ଅଫିସ, ୧୯।୨

ଢେଙ୍କାନାଳ ବଜରଙ୍ଗ କ୍ଲବ ପକ୍ଷରୁ ବୁଧବାର ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ ପରିସରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଆମ୍ରି ହସ୍ପିଟାଲ ସହାୟତାରେ ଆୟୋଜିତ ଏହି ଶିବିରରେ ୩୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

ଶିବିରରେ ଇସିଜି, ବ୍ଲଡ୍ ସୁଗାର, ବ୍ଲଡ୍ ପ୍ରେସର ସମେତ ଅନ୍ୟ ପରୀକ୍ଷା କରାଯାଇଥିଲା। ହୃଦ୍‌ରୋଗ ବିଶେଷଜ୍ଞ ଡା. ମହେଶ ଅଗ୍ରୱାଲ, ସ୍ନାୟୁ ବିଭାଗ ବିଶେଷଜ୍ଞ ଡା. ବିଶ୍ୱରଞ୍ଜନ ନାୟକ, ଭେଷଜ ବିଶେଷଜ୍ଞ ଡା. ସବିତ ଦାସ, ଡା. ସୌମ୍ୟରଞ୍ଜନ ଦାସ ପ୍ରମୁଖ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସିନିୟର ମ୍ୟାନେଜର ସୋମ୍ କିରଣ ମିଶ୍ର, ଏକଜିକ୍ୟୁଟିଭ୍ ଭାଗ୍ୟଶ୍ରୀ ମହାନ୍ତି, ସୌମ୍ୟରଞ୍ଜନ ସାହୁ, ଜିଲା ରକ୍ତଦାତା ଅନୁପ୍ରେରକ ସଂଘ ସଭାପତି ବିରଞ୍ଚି ନାରାୟଣ ପାଣି, ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇ, ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆମ୍ରି ହସ୍ପିଟାଲର ବିଶେଷଜ୍ଞ ଏବଂ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର ଉପଦେଷ୍ଟା ଗୋପାଳ ପାତ୍ର, ଦୀପକ ଦାସ, ସଭାପତି ଅମରେନ୍ଦ୍ର ସାମଲ, ସମ୍ପାଦକ ଶୁଭେନ୍ଦୁ ଷଡଙ୍ଗୀ, କୋଷାଧ୍ୟକ୍ଷ ସୁବ୍ରତ ଦାସ, ପ୍ରିୟବ୍ରତ ସାସମଲ, ବିଶ୍ୱଜିତ ବେହେରା, ଜିତେନ୍ଦ୍ର ବେହେରା, ଆଲୋକନାଥ ବସ୍ତିଆ, ରୋଜେଶ ପଡ଼ିହା, ଚିନ୍ମୟାନନ୍ଦ ନାଥ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଗର୍ଜିଲେ ସରକାରୀ କର୍ମଚାରୀ



ଜିଲା କାର୍ଯ୍ୟାଳୟ ଆଗରେ ସରକାରୀ କର୍ମଚାରୀମାନେ ପ୍ରତିବାଦ କରୁଛନ୍ତି।

## ସରକାରୀ ନିଷ୍ପତ୍ତି ବିରୋଧରେ ତୀବ୍ର ହେଲା ସ୍ୱର

ଢେଙ୍କାନାଳ ଅଫିସ, ୧୯।୨

ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ଜିଲା ଶାଖା ପକ୍ଷରୁ ବୁଧବାର ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ଅରୁଣ କୁମାର ବଳିଆରସିଂ ସଭାପତିତ୍ୱ କରିଥିଲେ। ରାଜ୍ୟରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କ ପାଇଁ ଚଳିତ ମାସରେ ରାଜ୍ୟ ସରକାର ବର୍ଦ୍ଧିତ ଦରମା ଏବଂ ମହଙ୍ଗା ଭତ୍ତା ଘୋଷଣା କରିଛନ୍ତି। ହେଲେ ସପ୍ତମ ବେତନ କମିଶନ ସୁପାରିସକୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ନ କରି ବର୍ଦ୍ଧିତ ଦରମାର ଗଚ୍ଛିତ ୬୦ ପ୍ରତିଶତରୁ ୧୦ ପ୍ରତିଶତ ଏବଂ ୨୦୧୯ ଜୁଲାଇରୁ ୫% ମହଙ୍ଗାଭତ୍ତା ଦେବା ପରିବର୍ତ୍ତେ ୨୦୨୦ ଜାନୁୟାରୀଠାରୁ ଲାଗୁ କରିବାକୁ ଘୋଷଣା କରାଯାଇଛି। ଏହାକୁ ନେଇ ସରକାରୀ କର୍ମଚାରୀ, ଶିକ୍ଷକ ଏବଂ ପେନସନଭୋଗୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଏହାକୁ ନେଇ ରାଜ୍ୟ ସଂଘର ଆହ୍ୱାନରେ ଜିଲା ଶାଖାର କର୍ମଚାରୀମାନେ ପ୍ରତିବାଦ କରିଛନ୍ତି

ଏଥିସହ ଅନୁକମ୍ପାମୂଳକ ନିଯୁକ୍ତିରେ କର୍ମଚାରୀଙ୍କ ନ୍ୟାୟିକ ସୁରକ୍ଷା ବ୍ୟବସ୍ଥା ଉଚ୍ଛେଦ, ଘରଭଡ଼ା ଭତ୍ତା ସଂଶୋଧନ ନ ହେବା, ରେଗୁଲାର ପଦବୀରେ ଠିକା ନିଯୁକ୍ତି ବନ୍ଦ, ଜିଲାସ୍ତରୀୟ ଅମଲାଙ୍କୁ ସଂଶୋଧିତ ଦରମା ଲାଗୁ ନ ହେବା ଆଦି ନିଷ୍ପତ୍ତି ବିରୋଧରେ ଗର୍ଜିଥିଲେ ସଂଘର ସଦସ୍ୟ।

ଏହାର ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ନରୋତ୍ତମ ପାର୍ଥସାରଥୀ ଚେତାବନୀ ଦେଇଛନ୍ତି। ଏ ନେଇ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ଦିଆଯାଇଛି। ଜିଲା ସମ୍ପାଦକ ବାବୁରାମ ପାତ୍ରଙ୍କ ସମେତ ବିଭିନ୍ନ ସଂଗଠନର ନେତୃବୃନ୍ଦ ଉପସ୍ଥିତ ଥିଲେ।

# ସିପିଆଇ ପକ୍ଷରୁ ସାଙ୍ଗଠନିକ ସମ୍ମିଳନୀ

ଢେଙ୍କାନାଳ ଅଫିସ, ୧୯।୨

ଢେଙ୍କାନାଳ ଷ୍ଟେଶନ ବଜାର ନିକଟ ଶିକ୍ଷକ ଭବନ ପରିସରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ଜିଲା ପରିଷଦର ସାଙ୍ଗଠନିକ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଯମେଶ୍ୱର ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଗୁରୁଦାସ ଗୁପ୍ତ, ଦ୍ୱିତୀକୃଷ୍ଣ ପଣ୍ଡା, ବାସୁଦେବ ଦୋରା, ପ୍ରହଲ୍ଲାଦ ସେଠୀ, ବିନୟାନନ୍ଦ ମହାପାତ୍ର, ନାରାୟଣ ସାମଲ, ପୂର୍ଣ୍ଣଚନ୍ଦ୍ର ପାଳ, କବି ରବି ସିଂଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ଯୋଗଦେଇ ଦେଶର ରାଜନୈତିକ ପରିସ୍ଥିତି ଏବଂ ସଙ୍ଗଠନ ବିଷୟରେ ଆଲୋକପାତ କରିଥିଲେ। ପୁରୁଷୋତ୍ତମ ନାଏକ, ସୁରେଶ ବେହେରା, ପ୍ରଭାକର ବେହେରା, ପଙ୍କଜ ସାମଲ, ଧ୍ରୁବଚରଣ ସାହୁ, ନିର୍ମଳା ପଣ୍ଡା, ରବି ରଥ, ପ୍ରଫୁଲ୍ଲ ନାଏକ, ଅଦ୍ୱୈତ ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସମ୍ପାଦକ ଭାବେ ଶିବରାମ ସାହୁ ଏବଂ ସହ ସମ୍ପାଦକ ଭାବେ ପୁରୁଷୋତ୍ତମ ନାଏକଙ୍କୁ ନିର୍ବାଚିତ କରାଯାଇଛି। ଏଥିସହ ୧୩ଜଣିଆ ଜିଲା ପରିଷଦ ଗଠିତ ହୋଇଛି। ଏଥିସହ ଏନ୍‌ଆର୍‌ସି ପ୍ରତ୍ୟାହାର, ପ୍ରତିରକ୍ଷା ବିଭାଗ ଶାସନରେ ପରିବର୍ତ୍ତନ, ଛୋଟ ଟଙ୍କିଆ କଏନ ବ୍ୟବହାରରେ ହେଉଥିବା ସମସ୍ୟା ସମାଧାନ କରିବା ଆଦି ଦାବି ଉପସ୍ଥାପନ କରାଯାଇଥିଲା।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଭାପୁର, ୧୯।୨(ଡି.ଏନ.ଏ.)

ଢେଙ୍କାନାଳ ସଦର ବ୍ଲକ ଭାପୁରସ୍ଥିତ ଦେବେନ୍ଦ୍ର ଶତପଥୀ ସ୍ମାରକୀ ମହାବିଦ୍ୟାଳୟରେ ୧୪ଦିନ ଧରି ଚାଲିଥିବା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ବୁଧବାର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଯୁକ୍ତ ୩ ବିଭାଗ ଅଧକ୍ଷା ମଞ୍ଜୁଶ୍ରୀ ମୁଖୀ, ଯୁକ୍ତ ୨ ବିଭାଗ ଅଧକ୍ଷ ଚନ୍ଦ୍ରଶେଖର ପଣ୍ଡା, ପ୍ରୋଗ୍ରାମ ଅଫିସର ସସ୍ମିରେଖା ସିଂ, ମୋନାଲି ରାଉତରାୟ, ମାନସ ରଞ୍ଜନ ରାଉତ, ବଳରାମ ପୃଷ୍ଟି, ରସାନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଶିବିରାର୍ଥୀଙ୍କ ମାର୍ଗଦର୍ଶନ କରାଇଥିଲେ। ଏହି ଅବସରରେ ଶିବିରାର୍ଥୀମାନେ ଆତ୍ମରକ୍ଷା କୌଶଳର ବିଭିନ୍ନ ନମୁନା ପ୍ରଦର୍ଶନ କରିଥିଲେ।

# ନିଲମ୍ବିତ ହେଲେ ହାବିଲଦାର

କେନ୍ଦୁଝର ୧୯।୨ (ସ୍ୱ.ପ୍ର./ଡି.ଏନ୍.ଏ.)

ହୋମଗାର୍ଡ ହାବିଲଦାର ମମତା ଜେନାଙ୍କୁ ଏସ୍‌ପି ନିଲମ୍ବିତ କରିଛନ୍ତି। ନିଲମ୍ବନର ଠିକ କାରଣ ଜଣାପଡି ନ ଥିଲେ ହେଁ ସେ କୁଆଡେ ଚାଲିଥିବା ହୋମଗାର୍ଡ ନିଯୁକ୍ତି ପାଇଁ ଜଣେ ପ୍ରାର୍ଥୀଙ୍କ ଠାରୁ ଟଙ୍କା ଦେଣନେଣ କରିଥିଲେ। ଚୟନରେ ସ୍ୱଚ୍ଛତା ଆଣିବା ପାଇଁ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ଏଭଳି ଘଟଣା ପଦାକୁ ଆସିବା ପରେ ତାଙ୍କୁ ନିଲମ୍ବନ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ନିଲମ୍ବିତ ହାବିଲଦାରଙ୍କ ବହୁ ଘରସମ୍ପତ୍ତି ରହିଥିବାରୁ ଏହାର ତଦନ୍ତ ଭିଜିଲାନ୍ସ ବିଭାଗ ଦ୍ୱାରା କରାଗଲେ ପ୍ରକୃତ ସମ୍ପତ୍ତି କେତେ ଜଣାପଡିବ ବୋଲି ଆଲୋଚନା ହେଉଛି। ମମତାଙ୍କ ନିଲମ୍ବନକୁ ହୋମଗାର୍ଡ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କାଳୁ ବେହେରା ସ୍ୱୀକାର କରିଥିଲେ ହେଁ ପ୍ରକୃତ କାରଣ ସମ୍ପର୍କରେ କିଛି କହି ନ ଥିଲେ।

# ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ

ଭୁବନ, ୧୯।୨(ଡି.ଏନ.ଏ.)

ଭୁବନ ବାଜି ରାଉତ କଲେଜରେ ବୁଧବାର କଲେଜସ୍ତରୀୟ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ବାଲୁଙ୍କେଶ୍ୱର କଲେଜକୁ ୩-୧ ଗୋଲରେ ହରାଇ ଭୁବନ ବାଜି ରାଉତ କଲେଜ ବିଜୟୀ ହୋଇଛି। କଲେଜ ଅଧ୍ୟକ୍ଷ କ୍ରୀଡ଼ା ବିଭାଗ ଉପଦେଷ୍ଟା ପ୍ରଭାତ ଜେନା, ବରିଷ୍ଠ କିରାଣି କୈଳାସ ଚନ୍ଦ୍ର ବେହେରା ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟ କିରାଣି ପୁରୁଷୋତ୍ତମ ବାରିକ ମ୍ୟାଚ୍ ପରିଚାଳନା କରିଥିବାବେଳେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀ ସହଯୋଗ କରିଥିଲେ।

ଗ୍ରାମାଞ୍ଚଳରେ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ ଲାଗି ନିୟମିତ ବ୍ୟବଧାନରେ ଏପରି ପ୍ରତିଯୋଗିତାର ଆବଶ୍ୟକତା ରହିଛି। ଆଗାମୀ ଦିନରେ ସର୍ବ କନିଷ୍ଠ ଶହୀଦ ବୀର ବାଜି ରାଉତଙ୍କ ସ୍ମୃତିରେ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ କରାଯିବ। ଏଥିରେ ବିଭିନ୍ନ କଲେଜକୁ ସାମିଲ କରାଯିବ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି ଲାଗି ଏହା ବେଶ୍ ସହାୟକ ହେବ ବୋଲି କଲେଜ ଅଧ୍ୟକ୍ଷ କହିଛନ୍ତି।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

# କପିକରି ଧରାପଡ଼ିଲେ ୭



ପରୀକ୍ଷା କେନ୍ଦ୍ରରେ ଛାତ୍ରୀଙ୍କୁ ଯାଞ୍ଚ କରାଯାଉଛି।

- ଆରମ୍ଭ ହେଲା ମାଟ୍ରିକ୍ ପରୀକ୍ଷା
- ଜିଲାପାଳଙ୍କ ପରୀକ୍ଷା କେନ୍ଦ୍ର ପରିଦର୍ଶନ

ଢେଙ୍କାନାଳ ଅଫିସ, ୧୯।୨

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବୁଧବାରଠାରୁ ସାରା ରାଜ୍ୟରେ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ପ୍ରଥମ ଦିନରେ ବିପୁଳ ଉତ୍ସାହର ସହିତ ମାତୃଭାଷା ଓଡ଼ିଆ ବିଷୟରେ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଇଛନ୍ତି। ଅନ୍ୟପଟେ ଅସାଧୁ ଉପାୟ ଅବଲମ୍ବନ କରୁଥିବାବେଳେ ୭ଜଣ ପରୀକ୍ଷାର୍ଥୀ ଧରାପଡ଼ିଛନ୍ତି।

ଜିଲା ଶିକ୍ଷା ଅଧିକାରୀଙ୍କ ୩ ସ୍କ୍ୱାଡ୍ ୧୪ ପରୀକ୍ଷାକେନ୍ଦ୍ରରେ ଚଢ଼ାଉ କରିଥିଲେ। ଭୁବନ ବ୍ଲକର ଭୂଷଳ, କୀର୍ତ୍ତନପୁର ସ୍ୱାମୀ ତ୍ରିଭୁନାନନ୍ଦ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୩, ଡମଶାଳା ହାଇସ୍କୁଲରେ ୨, ସନ୍ଥପୁର ହାଇସ୍କୁଲ ଏବଂ ବାଲ୍ୟାମ୍ବା ପଞ୍ଚାୟତ ହାଇସ୍କୁଲରେ ଜଣେ ଲେଖାଏ କପି କରି ଧରାପଡ଼ିଥିବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ବିଜ୍ଞାନ ସହାୟକ ସୁକାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

ବୁଧବାର ପୂର୍ବାହ୍ନ ୯ଟାରେ ପରୀକ୍ଷାର୍ଥୀଙ୍କୁ କଡ଼ା ଯାଞ୍ଚ ପରେ ପରୀକ୍ଷାକେନ୍ଦ୍ରକୁ ଛଡ଼ାଯାଇଥିଲା। ସେହିପରି ନୋଡାଲ ସେଣ୍ଟରରୁ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଠିକ୍ ସମୟରେ ପ୍ରଶ୍ନପତ୍ର ପରୀକ୍ଷାକେନ୍ଦ୍ରରେ ପହଞ୍ଚିଥିଲା। ଢେଙ୍କାନାଳ ସହରର ଶତାୟୁ ଶିକ୍ଷାନୁଷ୍ଠାନ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରକୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ପରୀକ୍ଷା ପରିଚାଳନା ବ୍ୟବସ୍ଥାର ଅନୁଧ୍ୟାନ କରିବା ସହ ପରୀକ୍ଷା କେନ୍ଦ୍ରରେ ଲାଗିଥିବା ସିସିଟିଭି ବ୍ୟବସ୍ଥକୁ ଯାଞ୍ଚ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମୌସୁମୀ ସାହୁ ଉପସ୍ଥିତ ଥିଲେ। ଏହି ପରୀକ୍ଷା କେନ୍ଦ୍ରରେ ୨ଟି ହାଇସ୍କୁଲର ୧୬୮ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ଜିଲାରେ ଚଳିତ ବର୍ଷ ୧୭,୨୨୮ ପରୀକ୍ଷାର୍ଥୀ ରହିଥିବାବେଳେ ସେମାନଙ୍କ ଲାଗି ୮୩ କେନ୍ଦ୍ର କରାଯାଇଛି।



ଢେଙ୍କାନାଳ ବ୍ରଜନାଥ ବଡଜେନା ହାଇସ୍କୁଲରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସିସିଟିଭି ବ୍ୟବସ୍ଥାକୁ ନିରୀକ୍ଷଣ କରୁଛନ୍ତି। ନିକଟରେ ଅଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ ମୌସୁମୀ ସାହୁ।

## ସଂକ୍ଷେପରେ

### ରାତି ୪ଟାରେ ଉଠିବ ମହାଦୀପ

ରୂପ୍‌ସା, ୧୯।୨(ଡି.ଏନ.ଏ.): ରୂପ୍‌ସା ଥାନା ରାଉତପଡ଼ା ପଞ୍ଚାୟତ ପ୍ରସିଦ୍ଧ ବାବା ବାଳକେଶ୍ୱର ପାତାଳି ମହାଦେବ ମନ୍ଦିରରେ ମହାଶିବରାତ୍ରି ଉତ୍ସବ ପାଳନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାଦେବ ପରିଚାଳନା କମିଟି ସଭାପତି ଗଙ୍ଗାଧର ପାଣିଗ୍ରାହୀ ଏଥିରେ ପୌରୋହିତ୍ୟ କରିଥିଲେ। ରାତି ୪ଟାରେ ମହାଦୀପ ଉଠିବ ବୋଲି ନିଷ୍ପତ୍ତି ହୋଇଥିଲା। ପୂଜକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ପ୍ରତାପ ଚନ୍ଦ୍ର ଦିକ୍ଷୀତ, ଶ୍ୟାମସୁନ୍ଦର ଦିକ୍ଷୀତ, ସେବକ କାର୍ତ୍ତିକ ଦାସ, କର୍ମକର୍ତ୍ତା ପ୍ରଫୁଲ ଦାସ, ମାନସ ମିଶ୍ର, ଜଗନ୍ନାଥ ବେହେରା, ହରେକୃଷ୍ଣ ଦାସ, ଘନଶ୍ୟାମ ଦାସ, ହରେକୃଷ୍ଣ ବାରିକ ଓ କହ୍ନେଇ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ସହାୟତାର ହାତ ବଢ଼ାଇଲେ ସହପାଠୀ

ଆରଡ଼ି, ୧୯।୨ (ଡି.ଏନ.ଏ.): ଦିଲ୍ଲୀରୁ ଘରକୁ ଆସୁଥିବା ବେଳେ ଟ୍ରେନରୁ ଖସିପଡ଼ିଥିଲେ ଚାନ୍ଦବାଲି ବ୍ଲକର ବୋଡ଼କ ଗ୍ରାମର ଅରବିନ୍ଦ ମାଝୀ(୪୯)। ସୌଭାଗ୍ୟବଶତଃ ଜୀବନ ବଞ୍ଚିଯାଇଥିଲେ ହେଁ ଗୁରୁତର ଥିବା ଅରବିନ୍ଦଙ୍କ ଚିକିତ୍ସା ପାଇଁ ୧୯୮୭ ମାଟ୍ରିକ ବ୍ୟାଚ୍‌ର ସହପାଠୀମାନେ ସହାୟତା ପ୍ରଦାନ କରିଛନ୍ତି। ଉଦୟ ନାୟକ, ଜୟନ୍ତ ନାୟକ, ନିରଞ୍ଜନ ନାୟକ, ପ୍ରକାଶ ନାୟକ, ଅନୁପ୍ରିୟା ଜେନା, ଅପର୍ଣ୍ଣା ଦାସ, ସବିତା ନାୟକ, ପ୍ରକାଶ ବିଶ୍ୱାଳ, ପ୍ରଶାନ୍ତ ବାରିକ, ଅଶୋକ ବାରିକ, ସୁନିଲ ବିଶ୍ୱାଳ ପ୍ରମୁଖ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ସହପାଠୀ ଦୀପ୍ତିରଞ୍ଜନ ନାୟକ ତାଙ୍କୁ ଯାଜପୁରରେ ଥିବା ଜଣେ ଅସ୍ଥିଶଲ୍ୟ ବିଭାଗ ପ୍ରଫେସରଙ୍କ ପାଖକୁ ନେଇ ଗୋଡ଼ ପ୍ଲାଷ୍ଟର କରାଇଛନ୍ତି।

### ୧୨ କଳାକାର ସମ୍ବର୍ଦ୍ଧିତ

ଖଇରା, ୧୯।୨ (ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ବ୍ଲକ ଶିରିପୁର-ବାସିଦ୍ଦିପୁର ଠାରେ ଚାଲିଥିବା ୧୯ତମ ଦଧିବାମନ ମହାଯଜ୍ଞ ଓ ପ୍ରତିଭା ସମ୍ମାନ ସମାରୋହରେ ମଙ୍ଗଳବାର ତୃତୀୟ ଦିବସରେ ଯଜ୍ଞ ଓ ସଭା ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ପଣ୍ଡିତ ପର୍ଶୁରାମ ଶତପଥିଙ୍କ ତତ୍ତ୍ୱାବଧାନରେ ଗଣପତି ମହଯଜ୍ଞର ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ସୁରେନ୍ଦ୍ର ପ୍ରସାଦ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଚଳଚ୍ଚିତ୍ର ଅଭିନେତା ବିରେନ ମିଶ୍ର ମୁଖ୍ୟଅତିଥି, କଣ୍ଠଶିଳ୍ପୀ ଶଙ୍କର ଦାନ ମୁଖ୍ୟବକ୍ତା, ଯୁବନେତା ଉଦୟ କୁମାର ପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଆ ଚଳଚ୍ଚିତ୍ର ଧାରାବାହିକ ଜଗତର ଚର୍ଚ୍ଚିତ କଳାକାର ସରୋଜ ଦାସ, ବିରେନ ମିଶ୍ର, ଏସ୍. କେ. ମୂରଲୀଧରନ, ଜ୍ୟୋତି ପଣ୍ଡାଙ୍କ ସମେତ ୧୨ଜଣଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ତାରକେଶ୍ୱର ଯଜ୍ଞ କମିଟି ସଭାପତି ଶଶିକାନ୍ତ ବେହେରା, ସମ୍ପାଦକ ମୁକ୍ତିକାନ୍ତ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।

# କିକ୍ ବକ୍ସିଂରେ ଅନୁଗୋଳକୁ ୧୨ ପଦକ



ସଫଳ ଖେଳାଳିଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି।

## ଜିଲାପାଳ କଲେ ସମ୍ବର୍ଦ୍ଧିତ

ଅନୁଗୋଳ ଅଫିସ, ୧୯।୨

ଦିଲ୍ଲୀର ତାଲକୋଟ୍ରା ଇନ୍‌ଡୋର ଷ୍ଟାଡିୟମଠାରେ ଗତ ୯ ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ୱାକୋ ଇଣ୍ଡିଆ ଓପନ ଇଣ୍ଟରନ୍ୟାଶନାଲ କିକ୍ ବକ୍ସିଂ ଟୁର୍ନାମେଣ୍ଟରେ ଅନୁଗୋଳ ଜିଲାକୁ ୧୨ଟି ପଦକ ମିଳିଛି। ଫଳରେ ଭାଗ ନେଇଥିବା ୭ଟି ଦେଶର ପ୍ରତିଯୋଗୀଙ୍କ ମଧ୍ୟରୁ ଭାରତର ଓଡ଼ିଶା ୬ଷ୍ଠ ସ୍ଥାନରେ ରହିଛି। ୱାକୋ ଓଡ଼ିଶାର ୨୨ ଜଣିଆ ଦଳରେ ଅନୁଗୋଳ ଜିଲାରୁ ୮ ଜଣ ଖେଳାଳି ଭାଗ ନେଇଥିଲେ। ସଫଳ ହୋଇଥିବା ଅନୁଗୋଳ ଜିଲାର ଏହି ଖେଳାଳିଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ମନୋଜ କୁମାର ମହାନ୍ତି ୮ଜଣ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଜିଲାପାଳ କହିଥିଲେ ଯେ, ଏତେ କମ୍ ସମୟ ମଧ୍ୟରେ ଛୋଟ ଛୋଟ ପିଲାମାନେ ପାଠପଢ଼ା ସହ ଏଭଳି ପ୍ରତିଭା ପ୍ରତିପାଦିତ କରିବା ଚମତ୍କାର। ୭ରୁ ୯ ବର୍ଷ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ଆରିୟାନ ଛେତ୍ରି ଗୋଟିଏ ସ୍ୱର୍ଣ୍ଣ, ସ୍ୱୟଂ ସଂକେତ ପ୍ରଧାନ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସେହିପରି ୧୦ରୁ ୧୨ ବର୍ଷ ମଧ୍ୟରେ ସୋମେଶ ସମୋଟା ଗୋଟିଏ ସ୍ୱର୍ଣ୍ଣ, ଆରୋଗ୍ୟ ଛେତ୍ରି ଦୁଇଟି କାଂସ୍ୟ ପଦକ ପାଇଛନ୍ତି। ୧୩ରୁ ୧୫ ବର୍ଷ ମଧ୍ୟରେ ଅଂଶୁମାନ ଡାକୁଆ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ଓ ବଂଶ ବର୍ମା ଗୋଟିଏ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ବରିଷ୍ଠ ପୁରୁଷ ବିଭାଗରେ ଅମନ କୁମାର ନନ୍ଦା ଗୋଟିଏ ରୌପ୍ୟ ଓ ବରିଷ୍ଠ ମହିଳା ବିଭାଗରେ ନମ୍ରତା ନନ୍ଦ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ପଦକ ପାଇଥିଲେ। ଏହି ଟୁର୍ନାମେଣ୍ଟକୁ ୱାକୋ ଇଣ୍ଡିଆ କିକ୍ ବକ୍ସିଂ ମହାସଂଘ ପରିଚାଳନା କରିଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଡେପୁଟି କଲେକ୍ଟର ସୋଫି ସାଇନିକା, ଅମ୍ଳାନ ଅପରାଜିତା ମିଶ୍ର, ବରିଷ୍ଠ ଆଇନଜୀବୀ ଭବାନୀ ପ୍ରସାଦ ମିଶ୍ର ଓ କୋଚ୍ କାର୍ତ୍ତିକ ଚନ୍ଦ୍ର ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ‘ସମନ୍ୱୟ ରକ୍ଷା କରୁଛି ସାହିତ୍ୟ’



ଓଡ଼ିଆ ବିଭାଗର ପାଠଚକ୍ରରେ ଯୋଗଦେଇଥିବା ଅତିଥି।

ଅନୁଗୋଳ ଅଫିସ, ୧୯।୨

ଅନୁଗୋଳ ମହିଳା ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ମାନ ବିଭାଗ ପକ୍ଷରୁ ସ୍ୱାଧୀନତା ପୂର୍ବବର୍ତ୍ତୀ କାବ୍ୟ କବିତା ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡକ୍ଟର ସଙ୍ଗୀତା ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଡକ୍ଟର ଶ୍ରୀକାନ୍ତ ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାଧୀନତା ପୂର୍ବବର୍ତ୍ତୀ କାବ୍ୟ କବିତାର ଧାରା ସମ୍ପର୍କରେ ବିବରଣୀ ପ୍ରଦାନ କରିବା ସହ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସମନ୍ୱୟ ରକ୍ଷା ଦିଗରେ ସାହିତ୍ୟର ଅତୁଳନୀୟ ଦାନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମହାବିଦ୍ୟାଳୟର ତୃତୀୟ ବାର୍ଷିକ ସମ୍ମାନ ଛାତ୍ରୀମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ନନ୍ଦିନୀ ନନ୍ଦ, ଜ୍ୟୋତି ଶ୍ୱେତାଲିନ୍, ସଞ୍ଜୁକ୍ତା ରାଉତ ଓ ଅଧ୍ୟାପକ ଅଞ୍ଜନ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଏତଦ୍‌ବ୍ୟତୀତ ପ୍ରାଧ୍ୟାପିକା ନୀରଜା ସାହୁ, ଅରୁଣା ମିଶ୍ର, ଡକ୍ଟର ପ୍ରମଦା ପ୍ରଧାନ, ଡକ୍ଟର ସ୍ୱଚ୍ଛସଲିଳା ମହାପାତ୍ର, ଡକ୍ଟର ସବିତା ମିଶ୍ର, ଡକ୍ଟର ପ୍ରଭାତୀ ମିଶ୍ର, ସାଧୁ ମହାନ୍ତି, ରଞ୍ଜିତା ସିଂହସାମନ୍ତ, ଅମିତା ଦେହୁରୀ ଓ ଗୀତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଏଚ୍‌ଆଇଭି ପୀଡ଼ିତ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ପ୍ରଦାନ



ଏଚଆଇଭି ପୀଡିତଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଉଛି।

ଅନୁଗୋଳ ଅଫିସ, ୧୯।୨

ଅନୁଗୋଳ ଜିଲାର ବିଭିନ୍ନ ସ୍କୁଲରେ ଅଧ୍ୟୟନ କରୁଥିବା ଏଚ୍‌ଆଇଭି ପୀଡ଼ିତ ୨୧ ଜଣ ଛାତ୍ରୀଛାତ୍ରଙ୍କୁ ବୁଧବାର ମୁଖ୍ୟ ଚିକିତ୍ସାଳୟ ଟ୍ରେନିଂ ହଲ୍‌ରେ ପାଠ୍ୟ ଉପକରଣ ପ୍ରଦାନ କରାଯାଇଛି। ଏମ୍‌ସିଏଲ୍ ହିଙ୍ଗୁଳା କ୍ଷେତ୍ର ପ୍ରତିଭା ମହିଳା ମଣ୍ଡଳ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସିଡିଏମ୍‌ଓ ଅମରେନ୍ଦ୍ରନାଥ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏଚ୍‌ଆଇଭି ପୀଡ଼ିତ ସମସ୍ତ ଶିଶୁ ତଥା ସେମାନଙ୍କ ଅଭିଭାବକଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇଦେବା ଉପରେ ମହାନ୍ତି ଗୁରୁତ୍ୱାରୋପ କରିଥିଲେ। ତେବେ ଜିଲାରେ ଥିବା ମୋଟ୍ ୬୦ ଜଣ ଛାତ୍ରୀଛାତ୍ରଙ୍କୁ ପୁଣି ପାଠ୍ୟ ଉପକରଣ ବଣ୍ଟନ କରାଯିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଏଆର୍‌ଟି ଅଧିକାରୀ ଡାକ୍ତର ଶାଶ୍ୱତ ସାଗର ମିଶ୍ର, ଜିଲା ଟିବି ଅଧିକାରୀ ଡାକ୍ତର ବିଶ୍ୱବିହାରୀ ମହାନ୍ତି, ଜିଲା ଏଡ୍‌ସ ପ୍ରୋଟେକସନ୍ ଆଣ୍ଡ କଣ୍ଟ୍ରୋଲୋର ୟୁନିଟ୍ ସଂଯୋଜିକା ଡାକ୍ତର ପ୍ରମିଳା ହୋତା, ରାକେଶ ମହାପାତ୍ର, ଏମ୍‌ସିଏଲ୍ ଏଚ୍‌ଆଇଭି ସଂଯୋଜକ ବି.ଡି. ନାୟକ, ପି.କେ. ନାୟକ, ମହିଳା ମଣ୍ଡଳ ପକ୍ଷରୁ ବନ୍ଦନା ରଥ, ମନୀଷା ସିଂହ, ଅସ୍ମିତା ଯୋଶୀ, ଅନୁ ରାୟ, ଝରଣା ଝା ଓ ଅନ୍ୟ ସଦସ୍ୟା ଯୋଗଦେଇଥିଲେ।

# କଟକକୁ ହରାଇ ସେମିରେ ଝାଡ଼ଖଣ୍ଡ

## ୯ମ ସର୍ବଭାରତୀୟ ହେମସୁରପଡ଼ା କପ୍ ଫୁଟବଲ

ଅନୁଗୋଳ ଅଫିସ, ୧୯।୨

ଅନୁଗୋଳ ଟାଉନ ହାଇସ୍କୁଲ ଖେଳ ପଡ଼ିଆରେ ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ ଦ୍ୱାରା ଆୟୋଜିତ ହେମସୁରପଡ଼ା ଫୁଟବଲ କପ୍‌ର ତୃତୀୟ ଲିଗ୍ ମ୍ୟାଚରେ କଟକର ନିପେନ କ୍ଲବକୁ ହରାଇ ଝାଡ଼ଖଣ୍ଡର ପି. ବ୍ରଦର୍ସ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମାର୍ଦ୍ଧରେ ରୋମାଞ୍ଚକର ଖେଳ ଦେଖିବାକୁ ମିଳିଥିଲା। ପ୍ରାରମ୍ଭରେ ନିପେନ୍ କ୍ଲବର ରାଜେଶ ନାୟକ ୭ ମିନିଟ୍‌ରେ ପ୍ରଥମ ଗୋଲ କରିଥିଲେ। ଦଳ ୧-୦ ଗୋଲରେ ଆଗୁଆ ରହିଥିବାବେଳେ ଝାଡ଼ଖଣ୍ଡର ପି. ବ୍ରଦର୍ସ ପକ୍ଷରୁ ଶଙ୍କର ୪୧ ମିନିଟ୍‌ରେ ଗୋଲ କରି ଖେଳକୁ ୧-୧ ସମାନ ସ୍ଥିତିକୁ ଆଣିଥିଲେ। ଦ୍ୱିତୀୟାର୍ଦ୍ଧରେ ଝାଡ଼ଖଣ୍ଡ ଦଳ ପକ୍ଷରୁ ଶୁଭମ୍ ୬୪ ମିନିଟ୍‌ରେ, ବଳରାମ ଭୂମିକ୍ ୬୮ ମିନିଟ୍‌ରେ, ଶୁଭମ୍ ୭୫ ମିନିଟ୍‌ରେ ଗୋଲ କରି ଦଳକୁ ୪-୧ରେ ଆଗୁଆ ରଖିଥିଲେ। ଏହି ମ୍ୟାଚକୁ ଦିଲୀପ କୁମାର ରାଉତ ପରିଚାଳନା କରିଥିବାବେଳେ ସଲିଳ କୁମାର ବେହେରା ଓ ପ୍ରଶାନ୍ତ କୁମାର ପାଲ ଲାଇନରେ ସାହାଯ୍ୟ କରିଥିଲେ। ୪ର୍ଥ ଅମ୍ପାୟାର ଭାବେ ସୁରେଶ କୁମାର ଦାଶ ଦାୟିତ୍ୱରେ ଥିଲେ। ଅତିଥି ଭାବେ ଯୁବ ବ୍ୟବସାୟୀ ଅଜୟ କୁମାର ଦଳବେହେରା, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ, ରଜତ କୁମାର ବେହେରା, ଯୁବ ବ୍ୟବସାୟୀ ମନୋଜ ଅଗ୍ରୱାଲ, ଭାଜପା ସଦସ୍ୟା ସରିତା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କ୍ଲବ ଉପଦେଷ୍ଟା ବଳରାମ ଜେନା ସଭା ପରିଚାଳନା କରିଥିଲେ। କ୍ଲବ ସଦସ୍ୟ ସରୋଜ କୁମାର ଦାସ, ସତ୍ୟବ୍ରତ ବେହେରା, ଅମିତ କୁମାର କଅଁର, ରାଜୁ, ରାହୁଲ କୁମାର ଦାସ, ସୁନୀଲ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।



ମ୍ୟାଚର ଏକ ଦୃଶ୍ୟ।

# ଜଙ୍ଗଲ ଜମି, ଅଧିବାସୀଙ୍କ ସର୍ଭେ

ଛେଣ୍ଡିପଦା,୧୯।୨(ସ୍ୱ.ପ୍ର.)

- ପ୍ରସ୍ତାବିତ ରେଲଲାଇନ ସମ୍ପ୍ରସାରଣ କାର୍ଯ୍ୟ ପାଇଁ ଗ୍ରାମସଭା
- ଜମିଅଧିଗ୍ରହଣ ପୂର୍ବରୁ ନକ୍ସା ବିବରଣୀ ପ୍ରଦାନ ଦାବି
- ବିନା ସହମତିରେ ଅଧିଗ୍ରହଣ କରାଗଲେ ଆନ୍ଦୋଳନ

ପୂର୍ବତଟ ରେଳପଥ ମହାନଦୀ କୋଲ ରେଲୱେ ଲିମିଟେଡ ପକ୍ଷରୁ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଅଞ୍ଚଳ ମଧ ଦେଇ ପ୍ରସ୍ତାବିତ ଅନୁଗୋଳ-ବଳରାମପ୍ରସାଦ-ପୁଟଗାଡିଆ-ଜରପଡା-ଟେଣ୍ଟୁଲୋଇ ପୂର୍ବତଟ ରେଳଲାଇନ ସମ୍ପ୍ରସାରଣ କାର୍ଯ୍ୟ ସକାଶେ ପ୍ରଶାସନିକ ପଦକ୍ଷେପ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଜଙ୍ଗଲ ଜମି ଅଧିଗ୍ରହଣ କରାଯିବା ପାଇଁ ସ୍ଥାନୀୟ ଅଞ୍ଚଳର ଗ୍ରାମବାସୀଙ୍କ ଦାବି ଆପତ୍ତି ଏବଂ ମତାମତ ସଂଗ୍ରହ କରାଯାଉଛି। ଏଥିପାଇଁ ଅନୁଗୋଳ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଛେଣ୍ଡିପଦା ବ୍ଲକ ପ୍ରଶାସନ ପକ୍ଷରୁ ରେଳ ଲାଇନ ନିମନ୍ତେ ପ୍ରସ୍ତାବିତ ଗ୍ରାମ ଗୁଡିକରେ ପଲ୍ଲୀସଭା ସାଙ୍ଗକୁ ଗ୍ରାମସଭା ଆୟୋଜିତ କରାଯାଉଛି। ଛେଣ୍ଡିପଦା ବ୍ଲକ ଜରପଡା, ତୁକୁଡା, ଦୁର୍ଗାପୁର, ଦୁର୍ଗାପୁର ଟାଙ୍ଗିରୀସାହି, ପୁଟଗାଡିଆ, କୋରଡା, ନାଉପଦା, ହଟିଆନାଳୀ, ବାଲିପଟା, ନାଣ୍ଡିଛୋଡ, କଙ୍କରେଇ, ରାଇଝରଣ, ବାଲିଚନ୍ଦ୍ରପୁର, ନତଡା ଆଦି ଗ୍ରାମ ଗୁଡିକରେ ଥିବା ଅଧିକାଂଶ ଜଙ୍ଗଲ ଜମି ଏବଂ ବ୍ୟକ୍ତିଗତ ରେକର୍ଡ ଜମି ଅଧିଗ୍ରହଣ ହେବ ବୋଲି ଜଣାପଡିଛି। ଛେଣ୍ଡିପଦା ପଞ୍ଚାୟତ ସମିତି ଚିଠି ନଂ. ୨୨୨୨ ତାରିଖ ୧୧।୦୨।୨୦୨୦ ଅନୁଯାୟୀ ମଙ୍ଗଳବାର ଦୁର୍ଗାପୁର ପଞ୍ଚାୟତ ଅଫିସ ପରିସରରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବନମାଳୀ କୁଜୁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ଦୁର୍ଗାପୁର ବନ ସୁରକ୍ଷା ସମିତି ସଭାପତି ଲମ୍ବୋଦର ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟତଃ ଗ୍ରାମବାସୀଙ୍କ ଦ୍ୱାରା ରକ୍ଷଣାବେକ୍ଷଣ ହେଉଥିବା ଜଙ୍ଗଲ ଏବଂ ସେଠାରେ ବସବାସ କରୁଥିବା ଆଦିମ ଅଧିବାସୀଙ୍କ ସମ୍ପର୍କରେ ସବିଶେଷ ସର୍ଭେ କରିବା ପାଇଁ ଦାବି କରାଯାଇଥିଲା। ଏଥିସହ କେଉଁ ଗ୍ରାମର କାହା ଜାଗା ମଧ୍ୟ ଦେଇ ରେଲଲାଇନ ଯିବାକୁ ପ୍ରସ୍ତାବ ରହିଛି ସେ ସମ୍ପର୍କିତ ସବିଶେଷ ତଥ୍ୟ ସାଙ୍ଗକୁ ଅବିକଳ ନକ୍ସା ପ୍ରଦାନ, କ୍ଷତିଗ୍ରସ୍ତ ଗ୍ରାମ, ପ୍ରଜାମାନଙ୍କ ତାଲିକା ଏବଂ ଜମିଜମା ରେକର୍ଡ ଥିବା ସମସ୍ତ ପ୍ଲଟ ନମ୍ବର ଆଦି ତଥ୍ୟ ଭିତ୍ତିକ ସୂଚନା ପ୍ରଦାନ କରାଯିବା ସକାଶେ ବୈଠକରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଆଗତ କରାଯାଇଥିଲା। ସେହିପରି ଦୁର୍ଗାପୁର ପଞ୍ଚାୟତ ଅଧୀନରେ ଥିବା ଦୁର୍ଗାପୁର ପାଣସାହି ମୌଜା ବନ ସୁରକ୍ଷା ସମିତି, ଦୁର୍ଗାପୁର ବନ ସୁରକ୍ଷା ସମିତି ଏବଂ ଦୁର୍ଗାପୁର ଟାଙ୍ଗିରୀସାହି ବନ ସୁରକ୍ଷା ସମିତି ସହ ଗ୍ରାମ ପରିଚାଳନା କମିଟି ବିନା ଅନୁମତି ତଥା ସହମତିରେ ଉପରୋକ୍ତ ଜଙ୍ଗଲ ଜମି ଅଧିଗ୍ରହଣ କରାଗଲେ ଏହାକୁ ବିରୋଧ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଥିଲେ। ଜିଲା ପ୍ରଶାସନ, ଜଙ୍ଗଲ ବିଭାଗ, ପୂର୍ବତଟ ରେଳପଥ ବିଭାଗ ତଥା ବନ ସୁରକ୍ଷା ସମିତି ପକ୍ଷରୁ ମିଳିତ ଭାବେ ସ୍ୱତନ୍ତ୍ର ସର୍ଭେ କରିବା ସହ କ୍ଷୟକ୍ଷତି ଆକଳନ କରାଯିବା ପାଇଁ ଦାବି କରିଥିଲେ। ଏହି ବୈଠକରେ ସମସ୍ତ ବନ ସୁରକ୍ଷା ସମିତି କର୍ମକର୍ତ୍ତା ସଦସ୍ୟ ତଥା ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ।

# ଶ୍ମଶାନ ଜାଗାରେ ବାଡ଼ ଦେଲେ ଗ୍ରାମବାସୀ



ଗ୍ରାମବାସୀ ଜବରଦଖଲ ଶ୍ମଶାନ ଜାଗାରେ ବାଡ଼ ଦେଇଛନ୍ତି।

## ଚେକ୍‌ଡ୍ୟାମ ନିର୍ମାଣକୁ ନେଇ ବିବାଦ

ବଇଣ୍ଡା, ୧୯।୨(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଗାଁବଇଣ୍ଡା ପଞ୍ଚାୟତ ଧୁଣ୍ଡି ଗ୍ରାମରେ ଶ୍ମଶାନ ଜାଗାରେ ଚେକଡ୍ୟାମ ନିର୍ମାଣକୁ ନେଇ ବିବାଦ ଦେଖାଦେଇଥିବାବେଳେ ବୁଧବାର ଗ୍ରାମବାସୀ ଶ୍ମଶାନ ଜାଗାକୁ ଅକ୍ତିଆର କରି ବାଡ ଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଧୁଣ୍ଡି ଗ୍ରାମର ଖାତା ନଂ. ୮୭, ପ୍ଲଟ ନମ୍ବର ୨୪ରେ ୧ ଏକର ଶ୍ମଶାନ ଓ ୩ ଏକର ପତିତ ଜାଗାକୁ ଗ୍ରାମର ୪ ଜଣ ଜବରଦଖଲ କରି ଚାଷ କାର୍ଯ୍ୟ କରୁଛନ୍ତି। ଏଥିଯୋଗୁ ଶ୍ମଶାନ ବ୍ୟବହାରରେ ଗ୍ରାମବାସୀଙ୍କ ଅସୁବିଧା ହେଉଛି। ଏ ନେଇ ଗତ ୧୨।୩।୧୯ ଏବଂ ୧୯।୮।୨୦୧୯ରେ ଜବରଦଖଲ ଜାଗାକୁ ଚିହ୍ନଟ କରାଯାଇ ପଦକ୍ଷେପ ନିଆଯିବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏଥିସହ ଏହି ଶ୍ମଶାନ ଜାଗାରେ ସରକାରଙ୍କ ପକ୍ଷରୁ ୪୦ ଲକ୍ଷ ଟଙ୍କା ଅଟକଳରେ ଚେକ୍‌ଡ୍ୟାମ ନିର୍ମାଣ କରିବା ପାଇଁ ଜାଗା ସମତଳ କରାଯାଉଛି। ଏହାକୁ ବିରୋଧ କରି ଗ୍ରାମବାସୀ ଜିଲାପାଳ ଓ ବିଧାୟକଙ୍କଠାରେ ମଧ୍ୟ ଅଭିଯୋଗ କରିଛନ୍ତି। ଏଠାରେ ଚେକ୍‌ଡ୍ୟାମ ନିର୍ମାଣ ହେଲେ କିମ୍ବା ଜବରଦଖଲ ଉଚ୍ଛେଦ କରା ନ ଗଲେ ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ଗ୍ରାମ ସଭାପତି କେଶବ ଚନ୍ଦ୍ର ଭୋଇ, ସମ୍ପାଦକ ଦୟାନିଧି ସାହୁ, ପୁରନ୍ଦର ପ୍ରଧାନ, ମନୋରମା ବେହେରା, ପଦ୍ମିନୀ ଭୋଇ, କୁମୁଦିନୀ ବେହେରା, ବିନୋଦିନୀ ଭୋଇ, ପ୍ରଫୁଲ୍ଲ କୁମାର ବିଶ୍ୱାଳ, ହରମୋହନ ପ୍ରଧାନ, ନରେନ୍ଦ୍ର ସାହୁ, ଶ୍ରୀକାନ୍ତ ପ୍ରଧାନ, ଭୁବନ ରାଉଳ, ଲିଙ୍ଗରାଜ ବିଶ୍ୱାଳ, ମାନସ ପ୍ରଧାନ, ଯୁଧିଷ୍ଠିର ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ବନ୍ତରୁ ପୁରୀ ଦୌଡ଼ିଲେ ସୌରଭ

ବନ୍ତ,୧୯।୨(ଡି.ଏନ.ଏ.)-ପୂର୍ବ ପ୍ରସ୍ତୁତି ଅନୁଯାୟୀ ବୁଧବାର ଭଦ୍ରକ ଜିଲା ବନ୍ତ ଗ୍ରାମର ଯୁବ ଧାବକ ସୌରଭ ସେଠୀ ବନ୍ତରୁ ପୁରୀ ଅଭିମୁଖେ ଦୌଡ଼ିବା ଆରମ୍ଭ କରିଛନ୍ତି। ସେ ସକାଳ ୬ଟାରେ ବନ୍ତ ପୁରୁଣାବଜାରସ୍ଥିତ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ପୁରୀ ଅଭିମୁଖେ ଦୌଡ଼ିବା ଆରମ୍ଭ କରିଥିଲେ। ଦୌଡ଼ିବା ସମୟରେ ତାଙ୍କୁ ବନ୍ତ ଗ୍ରାମର ଶିକ୍ଷକ ମଳୟ କୁମାର ନାୟକ, କୈଳାସ ସାହୁ, ଜ୍ୟୋତିରଞ୍ଜନ ନାୟକ, ଚନ୍ଦନ ମହାନ୍ତି, ରଙ୍କନିଧି ସାହୁ, ପରମାନନ୍ଦ ବେହେରାଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ସ୍ୱାଗତ ଜଣାଇଥିଲେ। ସେ ବନ୍ତ-ବାରିକପୁର ରାସ୍ତା ଦେଇ ତରାପୁର, ନିଳୋକ, କ୍ଷେଣ୍ଡତୀରା, ଗୋବିନ୍ଦପୁର, କେନ୍ଦୁଆପଦା, ତୋଡଗାଁ ଆଦି ବଜାର ଅତିକ୍ରମ କରି ବାରିକପୁରଠାରେ ପହଞ୍ଚିଥିଲେ। ସେଠାରୁ ସେ ୧୬ ନମ୍ବର ଜାତୀୟ ରାଜପଥରେ ଦୌଡ଼ିବା ଆରମ୍ଭ କରିଥିଲେ। ଅପରାହ୍ନ ୪ଟା ସୁଦ୍ଧା ସେ କଟକ ଅତିକ୍ରମ କରିଥିବା ସୂଚନା ମିଳିଛି। ବନ୍ତ ପୋଲିସ ପକ୍ଷରୁ ତାଙ୍କୁ ଗାଇଡ୍ କରାଯାଇ ବାରିକପୁର ପର୍ଯ୍ୟନ୍ତ ନିଆଯାଇଥିଲା। ଅପରପକ୍ଷେ ଦୌଡ଼ିବା ସମୟରେ ତାଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ସୁବିଧା ଯୋଗାଇ ଦିଆଯାଇ ନ ଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ରାଇରଙ୍ଗପୁର,୧୯।୨(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅଧୀନ ସରଗଡ଼ା ନିକଟବର୍ତ୍ତୀ ହାତୀଛାଡ଼ ଗ୍ରାମର ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ସମବାରୀ ମାଝୀ(୩୨)। ମଙ୍ଗଳବାର ଖବରପାଇ ରାଇରଙ୍ଗପୁର ଏସ୍‌ଡିପିଓ ସ୍ନେହାଶିଷ ସାହୁ ଓ ଗୋରୁମହିଷାଣୀ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ସମବାରୀଙ୍କ ବାପା ଦାସପାତ ମାରାଣ୍ଡି ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୯/୨୦୨୦) ରୁଜୁକରି ସମବାରୀଙ୍କ ସ୍ୱାମୀଙ୍କୁ ଗିରଫ କରିଛି।

### ବଳାତ୍କାର ମାମଲାରେ ବୃଦ୍ଧ ଗିରଫ

ରାଇରଙ୍ଗପୁର,୧୯।୨(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅଞ୍ଚଳର ଜନୈକା ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ବୃଦ୍ଧଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବଳରାମ ମାଝୀ। ପୀଡ଼ିତାଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ. ୮/୨୦୨୦) ରୁଜୁ କରି ତଦନ୍ତ ଚଳାଇଛି।

### ବଡ଼ସାହିରେ ନୂତନ ତହସିଲଦାର

ବଡ଼ସାହି,୧୯।୨(ସ୍ୱ.ପ୍ର)- ବଡ଼ସାହି ତହସିଲଦାର ଅମୀୟ କୁମାର ରାଉତଙ୍କ ବଦଳି ପରେ ନୂତନ ତହସିଲଦାର ଭାବେ ମମତାଜ ମହାରଣା ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ପୂର୍ବରୁ ମୟୂରଭଞ୍ଜ ଜିଲାର ସହକାରୀ ଜିଲାପାଳ ଭାବେ ଅବସ୍ଥାପିତ ଥିଲେ। ଦାୟିତ୍ୱ ଗ୍ରହଣ ପରେ ସେ ତହସିଲ ଅଞ୍ଚଳର ଜନସାଧାରଣଙ୍କ ଉନ୍ନତି ତଥା ସରକାରୀ ସୁବିଧା ଯୋଗାଇ ଦେବେ ବୋଲି ପ୍ରକାଶ କହିଛନ୍ତି ।

### ବିଦ୍ୟୁତ୍ କର୍ମଚାରୀଙ୍କୁ ଅଟକ ଘଟଣା: ଜଣେ ଗିରଫ

କୁଆମରା,୧୯।୨(ଡ଼ି.ଏନ୍.ଏ.)- ଗୋପବନ୍ଧୁ ନଗର ବ୍ଲକ ଅଧୀନ ନାଉପଦା ଗ୍ରାମକୁ ବିଲ୍ ଆଦାୟ କରିବାକୁ ଯାଇଥିବା ନେସ୍କୋ କର୍ମଚାରୀଙ୍କୁ ଉପଭୋକ୍ତା ଅଟକ ରଖିବା ଘଟଣାରେ ଖୁଣ୍ଟା ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଉପଭୋକ୍ତା ରାମକୃଷ୍ଣ ନାୟକଙ୍କ ପୁଅ ଶାନ୍ତନୁ। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଉପଭୋକ୍ତାଙ୍କ ପକ୍ଷରୁ ନେସ୍କୋ କର୍ମଚାରୀଙ୍କ ନାମରେ ମଧ ପାଲଟା ଅଭିଯୋଗ ହୋଇଛି।

# ପ୍ରଥମ ଦିନରେ କପି ଶୂନ୍ୟ

**ଅନୁଗୋଳ ଅଫିସ, ୧୯।୨**

## ମାଟ୍ରିକ୍ ପରୀକ୍ଷା କେନ୍ଦ୍ର ବୁଲିଲେ ଜିଲାପାଳ



ଅନୁଗୋଳ ଉଚ୍ଚ ବିଦ୍ୟାଳୟ ପରୀକ୍ଷାକେନ୍ଦ୍ର ମଧ୍ୟକୁ ଛାତ୍ରୀମାନେ ପ୍ରବେଶ କରୁଛନ୍ତି।

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ବୁଧବାର ଠାରୁ ଆରମ୍ଭ ହୋଇଥିବା ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ ସାହିତ୍ୟ ପରୀକ୍ଷା ଅନୁଗୋଳ ଜିଲାରେ ଶୃଙ୍ଖଳାର ସହ ଶେଷ ହୋଇଛି। ପରୀକ୍ଷା ପାଇଁ ପଞ୍ଜୀକରଣ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ କେତେଜଣ ଅନୁପସ୍ଥିତ ଥିଲେ ତାହା ଜଣାପଡ଼ି ନ ଥିବାବେଳେ ପରୀକ୍ଷାର୍ଥୀଙ୍କ ମଧ୍ୟରୁ କେହି ଅସାଧୁ ଉପାୟ ଅବଲମ୍ବନ କରି ନ ଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ସହରରେ ଥିବା ଅନୁଗୋଳ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଟାଉନ୍ ହାଇସ୍କୁଲ ଓ ହୁଲୁରିସିଂହା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ବୁଲି ପରିଚାଳନା କାର୍ଯ୍ୟ ତଦାରଖ କରିଥିବା ଜିଲା ଶିକ୍ଷା ଅଧିକାରୀ କଳ୍ପନା କୁମାରୀ ବେହେରା ସୂଚନା ଦେଇଛନ୍ତି।

ପୂର୍ବାହ୍ନ ୯ଟାରେ ପରୀକ୍ଷା କେନ୍ଦ୍ରଗୁଡ଼ିକର ଫାଟକ ଖୋଲାଯିବା ପରେ କଡ଼ା ତଦାରଖର ସହ ଛାତ୍ରୀଛାତ୍ରଙ୍କୁ ଭିତରକୁ ଛଡ଼ାଯାଇଥିଲା। ଜିଲା ଶିକ୍ଷା ଅଧିକାରୀ ବେହେରାଙ୍କ ସୂଚନା ମୁତାବକ, ଜିଲା ପ୍ରଶାସନ ପକ୍ଷରୁ ଶୃଙ୍ଖଳାର ସହ ପରୀକ୍ଷା ପରିଚାଳନା ପାଇଁ ବ୍ୟବସ୍ଥା କରାଯାଇଥିଲା। ପରୀକ୍ଷା କିପରି ଆୟୋଜନ କରାଯାଇଛି ସେ ନେଇ ତଦାରଖ କରିବାକୁ ଜିଲାପାଳ ପରୀକ୍ଷାକେନ୍ଦ୍ରଗୁଡ଼ିକ ପରିଦର୍ଶନ କରିଥିଲେ। ଆବଶ୍ୟକ ପାନୀୟ ଜଳ ଯୋଗାଣ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଜିଲାପାଳ ଅନୁଧ୍ୟାନ କରିବା ସହ ନିର୍ଦ୍ଧାରିତ ସମୟରେ ପରୀକ୍ଷା ଆରମ୍ଭ ଏବଂ ପ୍ରଶ୍ନପତ୍ର ଠିକ୍ ଭାବେ ବଣ୍ଟନ କାର୍ଯ୍ୟ କରାଯାଇଛି କି ନାହିଁ ସେ ସମ୍ପର୍କରେ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ଚଳିତବର୍ଷ ପରୀକ୍ଷାକୁ ଶୃଙ୍ଖଳିତ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ଉପଜିଲାପାଳ, ତହସିଲଦାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନେଇ ମୋଟ ୧୬ଟି ସ୍କ୍ୱାଡ୍ ଗଠନ କରାଯାଇଛି। ସେହିପରି ବୋର୍ଡ ଓ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗଠନ ହୋଇଥିବା ସ୍କ୍ୱାଡ୍ ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ଯାଞ୍ଚ କରିଛନ୍ତି। ସୂଚନାଯୋଗ୍ୟ ଯେ, ଜିଲାର ୨୬୨ଟି ବିଦ୍ୟାଳୟର ୧୭ ହଜାର ୫୧୩ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ୮୫ଟି ପରୀକ୍ଷାକେନ୍ଦ୍ର କରାଯାଇଛି। ସେଥିମଧ୍ୟରୁ ୧୬ ହଜାର ୩୩୨ ଜଣ ରେଗୁଲାର, ୨୮୯ ଜଣ ଏକ୍ସ-ରେଗୁଲାର ଓ ୨୫୪ ଜଣ ପତ୍ରବିନିମୟ ଛାତ୍ରୀଛାତ୍ର ରହିଛନ୍ତି।

## ପରୀକ୍ଷା କେନ୍ଦ୍ରଠାରେ ହୋର୍ଡିଂ ନେଇ ଅସନ୍ତୋଷ

**କଣିହାଁ, ୧୯।୨(ଡି.ଏନ.ଏ.)**



କଣିହାଁ ବ୍ଲକର ନୋଡାଲ ପରୀକ୍ଷା କେନ୍ଦ୍ର ପବିତ୍ରମୋହନ ହାଇସ୍କୁଲ ଫାଟକ ନିକଟରେ ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନର ହୋର୍ଡିଂ ମରାଯାଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କାହା ଅନୁମତିରେ ଏପରି ବିଜ୍ଞାପନ ସମ୍ପର୍କିତ ହୋର୍ଡିଂ ଲାଗିଛି ସେ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ପରୀକ୍ଷା ବେଳେ ଏହି ହୋର୍ଡିଂ ଛାତ୍ରୀଛାତ୍ରଙ୍କ ଉପରେ ପ୍ରଭାବ ପକାଉଥିବା ଅଭିଯୋଗ ହେଉଛି। ଏ ନେଇ ପିଏମ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦାଶରଥି ଜେନା, ଜିଲା ଶିକ୍ଷା ଅଧିକାରୀ କଳ୍ପନା ବେହେରାଙ୍କୁ ଯୋଗାଯୋଗ ସତ୍ତ୍ୱେ ମତାମତ ମିଳିପାରିନାହିଁ। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଜନୈକ ଅଧିକାରୀ କହିଛନ୍ତି, ଏହା ଠିକ୍ ନୁହେଁ। ହୋର୍ଡିଂ ହଟାଯିବାକୁ ପ୍ରଧାନ ଶିକ୍ଷକଙ୍କୁ ଜଣାଯିବ।

## ପ୍ରଶ୍ନପତ୍ର ଭାଇରାଲ ଗୁଜବ ନେଇ ଛାନିଆ

**ଅନୁଗୋଳ ଅଫିସ, ୧୯।୨**

ପରୀକ୍ଷା ଆରମ୍ଭର ଘଣ୍ଟାଏ ପରେ ପ୍ରଶ୍ନପତ୍ର ଲିକ୍ ନେଇ ସୋସିଆଲ ମିଡିଆରେ ଭାଇରାଲ ହେବା ଖବର ଅନୁଗୋଳ ଜିଲା ଶିକ୍ଷା ପ୍ରଶାସନକୁ ଛାନିଆ କରିଦେଇଥିଲା। ସେହିପରି ଅଭିଭାବକମାନେ ମଧ୍ୟ ଦ୍ୱନ୍ଦ୍ୱରେ ପଡ଼ିଥିଲେ। କିନ୍ତୁ ଏହି ପ୍ରଶ୍ନପତ୍ର ଅନ୍ୟ ଜିଲାରୁ ଭାଇରାଲ ହୋଇଥିବା ଓ ଚଳିତବର୍ଷର ନୁହେଁ ବୋଲି ଜଣାପଡ଼ିବା ପରେ ସମସ୍ତେ ଆଶ୍ୱସ୍ତ ହୋଇଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଜିଲାରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପ୍ରଶ୍ନପତ୍ର ରଖାଯାଇଥିବାରୁ ଏପରି ଗୁଜବରେ ଆତଙ୍କିତ ନ ହେବାରୁ ଶିକ୍ଷା ବିଭାଗ ପକ୍ଷରୁ ସାଧାରଣରେ ନିବେଦନ କରାଯାଇଛି।

# ପରୀକ୍ଷା ଦେଲେନି ୩୩ ଛାତ୍ରୀଛାତ୍ର

**ଆଠମଲ୍ଲିକ, ୧୯।୨(ଡି.ଏନ.ଏ.)**

ଆଠମଲ୍ଲିକ ସଦର ମହକୁମା ମହେନ୍ଦ୍ର ହାଇସ୍କୁଲକୁ ନୋଡାଲ ସେଣ୍ଟର କରାଯାଇଥିବା ବେଳେ ମହେନ୍ଦ୍ର ହାଇସ୍କୁଲ, ବାଳିକା ଉଚ୍ଚ ବିଦ୍ୟାଳୟ, ଅଏଡା, ପୁରୁଣାମାଣ୍ଡ୍ରୀ, ମାଧପୁର, କିଆକଟା, ଠାକୁରଗଡ, ସାନହୁଲା, ପାଇକସାହି ଓ ଅନୁଗୋଳ ବ୍ଲକର ଟାଇଁସି ଉଚ୍ଚ ବିଦ୍ୟାଳୟରେ ମୋଟ ୧୯୪୪ ଛାତ୍ରୀଛାତ୍ର ପରୀକ୍ଷା ଦେବାପାଇଁ ଫର୍ମ ଫିଲଅପ୍ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଦିନରେ ୩୩ ଜଣ ପରୀକ୍ଷା ଦେଇ ନ ଥିବା ଜଣାପଡିଛି। ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ବ୍ୟବସ୍ଥା ଚାଲିଛି। ଆଠମଲ୍ଲିକ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟଙ୍କ ଉପସ୍ଥିତିରେ ସ୍ଥାନୀୟ ମହେନ୍ଦ୍ର ହାଇସ୍କୁଲ ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ବିଭିନ୍ନ ସେଣ୍ଟରକୁ ଯାଇଥିଲା। ନୋଡାଲ ଅଫିସର ଭାବେ ମହେନ୍ଦ୍ର ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ପ୍ରଧାନ ନିଯୁକ୍ତ ହୋଇଥିବା ଜଣାପଡିଛି।

# କିଶୋରନଗର ବ୍ଲକରେ ୧୯ ଅନୁପସ୍ଥିତ

**ବଇଣ୍ଡା, ୧୯।୨(ଡି.ଏନ.ଏ.)**

କିଶୋରନଗର ବ୍ଲକରେ ବୁଧବାର ଶାନ୍ତିଶୃଙ୍ଖଳାର ସହ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ମୋଟ ୧୮୧୪ ଜଣଙ୍କ ମଧ୍ୟରୁ ୧୭୯୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧୯ ଜଣ ଅନୁପସ୍ଥିତ ଥିବା ଜଣାପଡିଛି। ବ୍ଲକର ୯ଟି ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯାଇଥିବାବେଳେ ୩ଟିରେ ସିସି କ୍ୟାମେରା ଲଗାଯାଇଥିଲା। ସମସ୍ତ କେନ୍ଦ୍ରରେ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ତେବେ ପରୀକ୍ଷା ସମୟରେ ହଲ୍‌ର ସମସ୍ତ ଝରକା ବନ୍ଦ କରାଯାଇଥିବାରୁ ଛାତ୍ରୀଛାତ୍ର ଅଣନିଶ୍ୱାସୀ ଭଳି ଅନୁଭବ କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ହଣ୍ଡପା, ବଇଣ୍ଡା, କିଶୋରନଗର ପୋଲିସ ମୁତୟନ ହୋଇଥିଲେ।

# ସେକେଣ୍ଡ ସିଟିଂରେ ଧରାପଡ଼ିଲେ ୨

**କଣିହାଁ, ୧୯।୨(ଡି.ଏନ.ଏ.)**

କଣିହାଁ ବ୍ଲକର ୧୧ ପରୀକ୍ଷା କେନ୍ଦ୍ରରେ ୨୧୨୩ ଜଣ ବୁଧବାର ମାଟ୍ରିକ ପରୀକ୍ଷା ଦେଇଛନ୍ତି। ପ୍ରଥମ ସିଟିଂରେ ୧୯୫୯ ଜଣଙ୍କ ମଧ୍ୟରୁ ୧୯୩୦ ଜଣ ପରୀକ୍ଷା ଦେଇଥିବାବେଳେ ୨୯ ଜଣ ଅନୁପସ୍ଥିତ ଥିଲେ। ସେହିପରି ଦ୍ୱିତୀୟ ସିଟିଂରେ କଣିହାଁ ପିଏମ୍ ହାଇସ୍କୁଲରେ ଏକମାତ୍ର ମଧ୍ୟମା ପାଠ୍ୟକ୍ରମକୁ ନେଇ କଳ୍ପତରୁ ମା ଭୈରବୀ ବିଦ୍ୟାପୀଠର ୨୨ ଜଣଙ୍କ ମଧ୍ୟରୁ ୨୧ ଜଣ ପରୀକ୍ଷା ଦେଇଛନ୍ତି। ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପରୀକ୍ଷାକେନ୍ଦ୍ର ବିଜିଗୋଳ ପଞ୍ଚାୟତ ହାଇସ୍କୁଲରେ ସେକେଣ୍ଡ ସିଟିଂରେ ୧୮୪ ଜଣଙ୍କ ମଧ୍ୟରୁ ୧୭୨ ଜଣ ପରୀକ୍ଷା ଦେଇଛନ୍ତି। ଅପରାହ୍ନରେ ବିଜିଗୋଳ କେନ୍ଦ୍ରରେ ସେଣ୍ଟ୍ରାଲ ସ୍କ୍ୱାଡ ପରିଦର୍ଶନବେଳେ ୨ ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀ କପି କରି ଧରାପଡି ଏମ୍‌ପି ହୋଇଛନ୍ତି। ୧୧ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ୮ଟିରେ ସିସି କ୍ୟାମେରା ଲାଗିଛି। ବିଜିଗୋଳ କେନ୍ଦ୍ରରେ କ୍ୟାମେରା ଲାଗିଥିଲେ ମଧ୍ୟ ୪ଟି ହଲ୍‌ରେ ଏହା ଉପଲବ୍ଧ ନ ହେବା ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ବ୍ଲକ ଶିକ୍ଷାଧିକାର ଖଗେଶ୍ୱର ବେହେରାଙ୍କୁ ଯୋଗାଯୋଗ ସତ୍ତ୍ୱେ ମତାମତ ମିଳିପାରିନାହିଁ।

# ଆତ୍ମରକ୍ଷା ତାଲିମ ନେଲେ ଶହେ ଛାତ୍ରୀ




**ତାଳଚେର,୧୯।୨(ନି.ପ୍ର.)**

ତାଳଚେର ବ୍ଲକ ସାଉଥ୍‌ବଳଣ୍ଡାସ୍ଥିତ ନୀଳକଣ୍ଠେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ବିନୋଦିନୀ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ତାଳଚେର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦଗାତା ଯୋଗ ଦେଇ ପିଲାମାନଙ୍କୁ ମାନସିକ ସ୍ତରରେ ଶକ୍ତିଶାଳୀ ହେବାପାଇଁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷା ଆତ୍ମରକ୍ଷା କୌଶଳର ସୁବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଆତ୍ମରକ୍ଷା ତାଲିମ ଜିଲା ସଂଯୋଜିକା ଡ. ତନୁଜା ପାତ୍ର ଓ ପଦାର୍ଥ ବିଜ୍ଞାନର ଅଧ୍ୟାପିକା ଅନ୍ନପୂର୍ଣ୍ଣା ପତି ଛାତ୍ରୀମାନଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଅଧ୍ୟାପକ ବଶିଷ୍ଠ କୁମାର ସାହୁ ମଞ୍ଚ ପରିଚାଳନା ଓ ଆତ୍ମରକ୍ଷା ତାଲିମର ପ୍ରୋଗ୍ରାମ ଅଫିସର ସସ୍ମିତା ନନ୍ଦ ଧନ୍ୟବାଦ ଜ୍ଞାପନ କରିଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ଶହେ ଜଣ ଛାତ୍ରୀଙ୍କୁ ମୁଖ୍ୟଅତିଥି ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିର ଫେବୃୟାରୀ ୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ମହାବିଦ୍ୟାଳୟର ଅଧ୍ୟାପିକା ଲୁସି ମହାନ୍ତି, ଶ୍ରଦ୍ଧାଞ୍ଜଳି ରାଉତ, ନିବେଦିତା ସେଠ୍, ଡଲି ବେହେରା, ଦୀପ୍ତିମୟୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କାଳିଆ, ପିଏମ୍ କିଷାନ ଉଭୟ ସ୍ୱତନ୍ତ୍ର ଯୋଜନା

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**

ରାଜ୍ୟ ସରକାରଙ୍କ 'କାଳିଆ' ଏବଂ କେନ୍ଦ୍ର ସରକାରଙ୍କ 'ପିଏମ୍ କିଷାନ' ଉଭୟ ସ୍ୱତନ୍ତ୍ର ଯୋଜନା। କାଳିଆ ପ୍ରଥମେ ପରିକଳ୍ପନା କରାଯାଇଥିଲା। ଏଥିରେ କୃଷକଙ୍କୁ ୧୦,୦୦୦ ଟଙ୍କାର ସହାୟତା ପ୍ରଦାନ କରାଯିବାର ନିଷ୍ପତ୍ତି ହୋଇଥିଲା। ଅପରପକ୍ଷରେ ଏହି ଯୋଜନା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପିଏମ୍ କିଷାନରେ ୬୦୦୦ ଟଙ୍କାର ସହାୟତା ଘୋଷଣା କରାଗଲା। ତେଣୁ ଚାଷୀ ପାଇବାକୁ ଥିବା ସହାୟତା ରାଶି ପୂର୍ବପରି ୧୦,୦୦୦ ଟଙ୍କା ରହିଲା। ଏଥିରେ କେନ୍ଦ୍ର ପକ୍ଷରୁ ୬୦୦୦ ଏବଂ ରାଜ୍ୟ ପକ୍ଷରୁ ୪୦୦୦ ଟଙ୍କାର ସହାୟତା ରାଶି ରହୁଛି ବୋଲି ସ୍ପଷ୍ଟ କରାଯାଇଛି। ବିଧାନସଭା ବଜେଟ ଅଧିବେଶନରେ କାଳିଆ-ପିଏମ୍ କିଷାନ ମିଶ୍ରଣ ନେଇ ପ୍ରଶ୍ନ ଆସିବା ପରେ ଏହାକୁ କୃଷି ବିଭାଗ ପକ୍ଷରୁ ଖଣ୍ଡନ କରାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଅନୁଗୋଳ ଅଫିସ, ୧୯।୨**


ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଅନୁଗୋଳ ଜିଲା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କୁ ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ଏଥିରେ ଉଲ୍ଲେଖ ରହିଛି ଯେ, ଗତ ୧୪ ତାରିଖରେ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ୫ ପ୍ରତିଶତ ମହଙ୍ଗାଭତ୍ତା, ଗଚ୍ଛିତ ବକେୟା ୬୦ ପ୍ରତିଶତରୁ ୧୦ ପ୍ରତିଶତ ପ୍ରଦାନ, ନୂତନ ଘରଭଡ଼ା ସମ୍ପର୍କରେ ନୀରବ ରହିବା ଓ ମୃତ୍ୟୁକାଳୀନ ନିଯୁକ୍ତି ଘୋଷଣା ସାରା ରାଜ୍ୟରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ଏବଂ ହତାଶା ଭାବ ସୃଷ୍ଟି କରିଛି। ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ଜଣେ କର୍ମଚାରୀର ମୃତ୍ୟୁପରେ ପରିବାର ସଦସ୍ୟ ଗ୍ରୁପ-ଡିରେ ନିଯୁକ୍ତି ପାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏଥିସହିତ ବହୁ ବର୍ଷ ଧରି ଶିକ୍ଷକମାନଙ୍କ ପଦୋନ୍ନତି ହୋଇ ନ ଥିବାବେଳେ ନୂତନ ପେନଶନ ଯୋଜନାକୁ ବାତିଲ କରା ନ ଯିବା, ଅସ୍ଥାୟୀ ନିଯୁକ୍ତିକୁ ସ୍ଥାୟୀ ନ କରିବା କାର୍ଯ୍ୟ ଶିକ୍ଷକମାନଙ୍କୁ ମାନସିକ ସ୍ତରରେ ଚାପରେ ରଖୁଛି। ଫଳରେ ଶିକ୍ଷାଦାନ କରିବାରେ ଏହା ବ୍ୟାଘାତ ସୃଷ୍ଟି କରୁଥିବା ସଂଘ ପକ୍ଷରୁ କୁହାଯାଇଛି। ଉକ୍ତ ଦାବିଗୁଡ଼ିକୁ ବିଚାର କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସଂଘ ନିବେଦନ କରିଛି। ଏହି ଦାବିପତ୍ର ଦେବା ସମୟରେ ଅନୁଗୋଳ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଦୀପ କୁମାର ବାହୁକ ଓ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ରଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ।

# ଏନ୍‌ଟିପିସି ପକ୍ଷରୁ କ୍ଷମତା ନିର୍ମାଣ ପ୍ରଶିକ୍ଷଣ

**ତାଳଚେର,୧୯।୨(ନି.ପ୍ର.)**

ଏନ୍‌ଟିପିସି କଣିହାଁ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ଏବଂ ଗଣିତ ବିଷୟ ପ୍ରତି ଆଗ୍ରହ ଜନ୍ମାଇବା ଉଦ୍ଦେଶ୍ୟରେ ରାଜ୍ୟର ସରକାରୀ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଏବଂ ଗଣିତ ଶିକ୍ଷକମାନଙ୍କ ପାଇଁ କ୍ଷମତା ନିର୍ମାଣ ପ୍ରଶିକ୍ଷଣ କର୍ମଶାଳାମାନ ଆୟୋଜନ କରାଯାଉଛି। ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ(ଆରଏଏ) ଅଧୀନରେ ତଥା ଏନ୍‌ଟିପିସିର ସିଏସଆର ଯୋଜନା ଅନ୍ତର୍ଗତ ଏକ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଥିଲା। ଏହି ଦୁଇ ଦିନିଆ ଶିବିରରେ ସମ୍ପୃକ୍ତ ବିଭାଗର ୨୦ଜଣ ଶିକ୍ଷକ ଯୋଗ ଦେଇଥିଲେ। କଣିହାଁ ବ୍ଲକର କଂସମୁଣ୍ଡା ଉପ୍ରା ସ୍କୁଲ, ପବିତ୍ର ମୋହନ ହାଇସ୍କୁଲ, ଟୋଲକବେଡ଼ା ଉପ୍ରା ସ୍କୁଲ, ବିଜିଗୋଳ ଉପ୍ରା ସ୍କୁଲ, ଦଣ୍ଡସିଂହା ଉପ୍ରା ସ୍କୁଲ, ଗଦାଶିଳା ଉପ୍ରାସ୍କୁଲ, ଜରଡ଼ା ଏନୟୁପିଏସ, ଦୁମୁଦୁମା ଏନୟୁପିଏସ, ବଲାଙ୍ଗି ଉପ୍ରାସ୍କୁଲ, ହରିହରପୁର ଅପଗ୍ରେଡ଼େଡ଼ ହାଇସ୍କୁଲ ପ୍ରମୁଖ ୧୦ଟି ସ୍କୁଲରେ ଏଭଳି ଯୋଜନା କାର୍ଯ୍ୟକାରୀ ହେବ। ଉକ୍ତ ସ୍କୁଲଗୁଡ଼ିକରେ ସ୍ମାର୍ଟ ଲର୍ନିଂ କ୍ଲାସ ସହିତ ଅଡିଓ ଭିଜୁଆଲ ସିଷ୍ଟମ ଆଦି ସୋଲାର ଟେକ୍ନୋଲୋଜି ଦ୍ୱାରା କାର୍ଯ୍ୟକାରୀ କରାଯିବ। ଆୟୋଜିତ କର୍ମଶାଳାରେ ଏନ୍‌ଟିପିସି କଣିହାଁ ପ୍ରକଳ୍ପର ଏଜିଏମ(ଆରଏଲଆଇ)ପିଏମଜିଭି ଶ୍ରୀନିବାସ, ଡିଜିଏମ(ଏଚ ଆର) ଜାକିର ଖାନ୍ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିବା ସଙ୍ଗେ ସଙ୍ଗେ ପାରମ୍ପରିକ ଚକ୍ ଆଣ୍ଡ ଟକ୍ ପରିବର୍ତ୍ତେ ଲର୍ନିଂ ବାଏ ଡୁଇଙ୍ଗ୍ ପଦ୍ଧତିରେ ଶିକ୍ଷାଦାନ ବ୍ୟବସ୍ଥାର ଫାଇଦା ସମ୍ପର୍କରେ ବୁଝାଇଥିଲେ। ଇ-ଲର୍ନିଂ କିଟ୍‌ସ ଯେପରିକି ଭିଡିଓ ଆନିମେଶନ ମାଧ୍ୟମରେ ସ୍କୁଲଗୁଡ଼ିକରେ ଶିକ୍ଷା କ୍ଷେତ୍ରରେ ପାରସ୍ପରିକ ପ୍ରଭାବକୁ ଅଧିକ ମଜଭୁତ କରିବା ଏବଂ ଶିକ୍ଷକଙ୍କୁ ଅଧିକ ସାମର୍ଥ୍ୟ କରିବା ଏହି ଶିବିର ମୁଖ୍ୟ ଉଦ୍ଦେଶ୍ୟ। ଆଇଆଇଟି, କାନପୁରର ଏକ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଶିବିରର ବିଭିନ୍ନ ପର୍ଯ୍ୟାୟରେ ପ୍ରଫେସର ଜି. ସି. ନନ୍ଦ, ଡିନ୍, ସ୍କୁଲ ଅଫ ସୋସିଆଲ ସାଇନ୍ସ, ରେଭେନ୍ସା ୟୁନିଭରସିଟି, କଟକ, ଅନୁରାଗ ପାଣ୍ଡେ, ଆଲୁମନି, ଆଇଆଇଟି, କାନପୁର ଏବଂ ୟୁଏନଆଇସିଡିର ପ୍ରତିନିଧିମାନେ ଯୋଗ ଦେଇ ତାଲିମ ପ୍ରଦାନ କରିଥିଲେ।

# ମନୋରଞ୍ଜନ ସଭାପତି, ପ୍ରଫୁଲ୍ଲ ସମ୍ପାଦକ

**ବଅଁରପାଳ, ୧୯।୨ (ଡି.ଏନ୍.ଏ.)**

## ନାଲ୍‌କୋ କଣ୍ଟ୍ରାକ୍ଟର ୱେଲ୍‌ଫେୟାର ଆସୋସିଏଶନର ନୂତନ କର୍ମକର୍ତ୍ତା


ବୈଠକରେ ଉପସ୍ଥିତ ଆସୋସିଏଶନର କର୍ମକର୍ତ୍ତାମାନେ।

ନାଲ୍‌କୋ କଣ୍ଟ୍ରାକ୍ଟର ୱେଲଫେୟାର ଆସୋସିଏଶନ୍‌ର ନୂତନ କର୍ମକର୍ତ୍ତା ଚୟନ ବୁଧବାର କୁଲାଡ଼ ଆମ୍ବତୋଟାଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ବିପ୍ଳବ ଜେନାଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସମ୍ପାଦକ ରଞ୍ଜିତ ସେଠ ସଭା ପରିଚାଳନା କରିଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ମନୋରଞ୍ଜନ ଜେନା ଓ ସମ୍ପାଦକ ଭାବେ ପ୍ରଫୁଲ୍ଲ ବିଶୋଇଙ୍କୁ ଚୟନ କରାଯାଇଥିଲା। ଉପସଭାପତି ଭାବେ ମାନସ ରଞ୍ଜନ ସ୍ୱାଇଁ, ନିକୁଞ୍ଜବିହାରୀ ପରିଡ଼ା, ସହସମ୍ପାଦକ ଭାବେ ସନ୍ତୋଷ ଗଡ଼ନାୟକ ଓ କୋଷାଧ୍ୟକ୍ଷ ଭାବେ ଜୟକୃଷ୍ଣ ରାଉତଙ୍କୁ ଚୟନ କରାଯାଇଥିଲା। ସେହିପରି ସଂଘ ଉପଦେଷ୍ଟା ଭାବେ ସତ୍ୟବ୍ରତ ସ୍ୱାଇଁ, ରାଜୀବ ଜେନା, ବିପ୍ଳବ ଜେନା, ସତ୍ୟବାନ ବରାହ ଓ କେଶୀ ଜେନାଙ୍କୁ ମନୋନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟମରେ ବରିଷ୍ଠ ଠିକାଦାର ଅଭୟ କୁମାର ସିଂହ, ବୁଲେଶ ଜେନା, ଦୀନବନ୍ଧୁ ଜେନା, କିଶୋର ସ୍ୱାଇଁ, ପ୍ରତାପ କୁମାର ଜେନା, ଅଶୋକ କୁମାର ସେଠ, ପ୍ରଭାତ ଗଡ଼ନାୟକ, ନିରଞ୍ଜନ ମହାରଣା, ସଞ୍ଜୀବ ଗଡ଼ନାୟକ, ରବୀନ୍ଦ୍ର ମୋହନ ପାଢ଼ି ପ୍ରମୁଖ ଉପସ୍ଥିତ ଥିଲେ। ଠିକାଦାରମାନଙ୍କ ବିଭିନ୍ନ ସମସ୍ୟା, ଉନ୍ନତିମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ନୂତନ କର୍ମକର୍ତ୍ତାମାନେ ନିଷ୍ଠାର ସହ ସଂଘ ପାଇଁ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଥିଲେ।

